## ସଂକ୍ଷେପରେ

### ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ଖଡ଼ିଆଲ,୨।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସତ୍ୟବାଦୀ ସାହିତ୍ୟରେ ଜାତୀୟତା ବୋଧ ପ୍ରସଙ୍ଗ ଉପରେ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ପ୍ରେମାନନ୍ଦ ମେହେର, ଡ଼ା ଗୀତାଶ୍ରୀ ପ୍ରିୟମ୍ବଦା ଏବଂ ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି କେନ୍ଦ୍ରୀୟ ମହାବିଦ୍ୟାଳୟ ଡ଼ା ସଞ୍ଜୟ କୁମାର ମିଶ୍ର ଯୋଗଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧକ୍ଷ ଡ଼ା ପ୍ରଧାନ ସଭାପତିତ୍ୱ କରିଥିଲେ ଏବଂ ବିଭାଗୀୟ ମୁଖ୍ୟ ଅଧାପିକା ସାଗରୀକା ପଣ୍ଡା ଅତିଥି ପରିଚୟ ସହ ବିଷୟ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଜନନୀ ଶବର ଓ କ୍ରିଷ୍ଣା ଦାସ ବିଷୟ ଉପରେ ନିବନ୍ଧ ପ୍ରସ୍ତୁତ କରି ପାଠ କରିବା ସହ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ବିଭାଗୀୟ ଅଧାପକ ହରିବନ୍ଧୁ ହଂସ, ବ୍ରଜ ମୋହନ ମେହେର, ଅଧାପିକା କାଜୋଲ ମେହେରଙ୍କ ସହ ବହୁ ଅଧାପକଅଧାପିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ବିଭିନ୍ନ ପଞ୍ଚାୟତରେ ଧାନମଣ୍ଡି ଶୁଭାରମ୍ଭ

**ଖଡ଼ିଆଲ,୨।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ବରଗାଁଠାରେ ଶୁକ୍ରବାର ପାକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡଙ୍କ ଦ୍ୱାରା ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଏଥିପାଇଁ ବରଗାଁସ୍ଥିତ ଧାନ ମଣ୍ଡିରେ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି। ମଣ୍ଡି ଆଗରେ ଚାଷୀମାନଙ୍କ ଗାଡି ମଧ ଲାଗୁଥିବା ଦେଖିବାକୁ ମିଳିଛି। ଏହି ମଣ୍ଡିରେ ବରଗାଁ ପଞ୍ଚାୟତ ଚାଷୀ ପ୍ରଦ୍ୟୁମ୍ନ ମୁଣ୍ଡ, ରମେଶ ଚନ୍ଦ୍ର ମୁଣ୍ଡ, ଗୋକୁଲ ପଟେଲ, ମାନସ ପଣ୍ଡା, ଉଜ୍ଜଳ ଯୋଶୀ, ଲକ୍ଷ୍ମଣ ରଣା, ରାହାସ ବିହାରୀ ପଣ୍ଡା, ଦେଓ ବେହେରା ପାକ୍ସ ସମ୍ପାଦକ ଭାଗୀରଥି ପଟେଲ, ଡିଇଓ ଓ ଆରଏମସି ଷ୍ଟାପଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ସେହିପରି ଡୁଆଝର ସ୍ଥିତ ନୂତନ ଜାଗାରେ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଯାଇଛି। ପ୍ରାଥମିକ କୃଷି ସମବାୟ ସଭାପତି ଯୁବରାଜ ଜଗତ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ମନ୍ଦ୍ରର ମେହେର, ହରି ମାଝି, ରାଜୁ ସା, କେଦାର ତାଣ୍ଡି, ହରେକୃଷ୍ଣ ମେହେର, ରାଜେନ୍ଦ୍ର ବାରିକଙ୍କ ସମେତ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।

### ଗଣ୍ଡାବାହାଲିରେ ଖୋଲିଲା ଧାନମଣ୍ଡି



**ସିନାପାଲି,୨।୧୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିରେ ଚଳିତ ଖରିଫ ଋତୁ ପାଇଁ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ଉପାଞ୍ଜଳୀ ମାଝି ଯୋଗଦାନ କରି ମଣ୍ଡି ଉଦଘାଟନ କରିଥିଲେ। ଉଦ୍‌ଘାଟନୀରେ ତହସିଲଦାରଙ୍କ ସମେତ ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ଯୋଗାଣ ନିରୀକ୍ଷକ ଅଲେଖ ମହିମା ଭୋଇ, ଓଏଲଏମ ବିପିଏମ ଶରତ ଚନ୍ଦ୍ର ଦୀପ, ମିଶନ ଶକ୍ତି ପକ୍ଷରୁ ବିଜୟ କୁମାର ଭିତରିଆ, ସାମାଜିକ କର୍ମୀ ଦୟା ସାଗର ମେହେର, ତ୍ରିନାଥ ମେହେର, ଘନଶ୍ୟାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମଣ୍ଡିରେ ସ୍ଥାନୀୟ ଗମ୍ଭାରୀଗୁଡାସ୍ଥିତ ଗଙ୍ଗାଧର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ଧାନ କ୍ରୟ କରାଯାଉଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ତଥା ସରପଞ୍ଚ କୌଶଲ୍ୟା ମେହେରଙ୍କ ସମେତ ସମସ୍ତ ସଦସ୍ୟା ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୪ଜଣ ଚାଷୀଙ୍କ ପ୍ରାୟ ୨ଶହ କୁଇଣ୍ଟାଲ ଧାନ ପଡିଥିବା ଜଣାପଡିଛି। ଖଡ଼ିଆଲ ନୀଳମାଧ ମିଲରର୍ସ ମଣ୍ଡିରୁ ଧାନ ଉଠାଇବା ନେଇ ସୂଚନା ମିଳିଛି। ଗଣ୍ଡାବାହାଲି ପାକ୍ସ ଅନ୍ତର୍ଗତ ଗମ୍ଭାରୀଗୁଡା, ଗଣ୍ଡାବାହାଲି, ମୁଣ୍ଡପଲା ଓ ରାମପୁରର ଚାଷୀମାନେ ଏହି ମଣ୍ଡିରେ ଧାନ ବିକ୍ରୟ କରିପାରିବେ ବୋଲି ଜଣାପଡିଛି। ସିନାପାଲି ଅନ୍ତର୍ଗତ ସିଙ୍ଗଝର, ମଖାପଦର, ବ୍ରହ୍ମଣୀଗୁଡା ମଣ୍ଡିରେ ମଧ ମିଶନ ଶକ୍ତି ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ଧାନ କ୍ରୟ କରାଯାଉଥିବା ସୂଚନା ମିଳିଛି।



ଜଙ୍ଗଲ ରାସ୍ତାରେ ଯାତାୟାତ।



ମହିଳାମାନେ ନାଳ ପାଣି ନେଉଛନ୍ତି।

# ଦୁର୍ଗମ ଅଞ୍ଚଳରେ ଆଦିବାସୀଙ୍କ ଅଭିଶପ୍ତ ଜୀବନ

- ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ବିଧାୟକ, ମନ୍ତ୍ରୀ, ପ୍ରଶାସନକୁ ଦେଖିନାହାନ୍ତି
- ଏବେ ବି ପରାଧୀନ ଜୀବନ କାଟୁଛନ୍ତି ବିଜ୍ରାଦର ଗ୍ରାମବାସୀ

**ଭବାନୀପାଟଣା,୨।୧୨(ସ୍ୱ.ପ୍ର.)**

ଦୁର୍ଗମ ଅଞ୍ଚଳ ଆଦିବାସୀମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ, ସରକାରୀ ଯୋଜନାର କିଭଳି ଲାଭ ପାଇବେ, କିଭଳି ବିକାଶ ହେବ ସେ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଆଜି ବି ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି ତଥା ମୋବାଇଲ ନେଟୱାର୍କ ଭଳି ସୁବିଧାରୁ ବର୍ଷ ବର୍ଷ ଧରି ବଞ୍ଚିତ। ବଣପାହାଡ଼ ଘରରେ ରହି ଆଦିବାସୀଙ୍କ ଜୀବନ ଅଭିଶପ୍ତ ପାଲଟି ଯାଇଛି। ନିର୍ବାଚନ ସମୟରେ ଭୋଟ ଦିଅନ୍ତି କିନ୍ତୁ ସେ ପ୍ରାର୍ଥୀ କିଏ ଜାଣନ୍ତି ନାହିଁ। ସରଳ ଆଦିବାସୀଙ୍କୁ ଭକୁଆ ବନାଇଥାନ୍ତି। ଆଜି ପର୍ଯ୍ୟନ୍ତ ବିଧାୟକ, ମନ୍ତ୍ରୀ, ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କୁ ଗାଁରେ ଦେଖିନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଏବେ ବି ପରାଧୀନ ଜୀନଯାପନ କରୁଛନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବୁଢ଼ୀଦର ପଞ୍ଚାୟତ ବିଜ୍ରାଦର ଗାଁରେ। ବଣପାହାଡ଼ ଘେରା ମଧ୍ୟରେ ଏହି ଗାଁ ଅବସ୍ଥିତ। ଗାଁ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଏଠାରେ ୧୭ଟି ଆଦୀବାସୀ ପରିବାର ଓ ୩ଟି ଦଳିତ ପରିବାରରୁ ୧୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବଣଜଙ୍ଗଲ ଭିତରେ ରହି ଜୀବଜନ୍ତୁଙ୍କ ଭଳି ବଞ୍ଚୁଛନ୍ତି। ଗ୍ରାମବାସୀଙ୍କ ପାଇଁ ଆବାସ ଯୋଜନା ସାତ ସପନ। ରାସ୍ତା ନ ଥିବାରୁ ୮ କି.ମି. ପାହାଡ଼ ଚଢ଼ି ଦେଦର ପଞ୍ଚାୟତକୁ ଆସିଥାନ୍ତି। କୌଣସି ଗର୍ଭବତୀ, ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ନେଇଥାନ୍ତି। ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଯୋଗାଯୋଗ ମଧ ହୋଇପାରେ ନାହିଁ। ନଳକୂପ ନ ଥିବା ବେଳେ ଝରଣା ପାଣି ପିଉଛନ୍ତି। ସମସ୍ତଙ୍କ ଘରେ ସୋଲାର ଲାଇଟ ଲାଗିଛି, କିନ୍ତୁ କୌଣସି ଗୋଟିଏ ମଧ ଲାଇଟ ଜଳୁନାହିଁ। ସବୁଠାରୁ ଦୁଃଖର ବିଷୟ ଏହି ଗାଁରେ ସରଳି ଆଦିବାସୀ ଓ ଦଳିତ ପରିବାର ବାସ କରୁଥିବା ବେଳେ ଏମାନଙ୍କ ମୌଳିକ ଅଧିକାରକୁ ମଧ ଜୋରଜବରଦସ୍ତ ଛଡେଇ ନିଆଯାଏ। ନିର୍ବାଚିତ ପ୍ରତିନିଧିଙ୍କୁ ଦେଖି ନାହାନ୍ତି କିନ୍ତୁ ଭୋଟ ଦିଅନ୍ତି। କାହାକୁ ଭୋଟ ଦେଲେ ତାହା ମଧ ଜାଣନ୍ତି ନାହିଁ । ଭାରତ ସ୍ୱାଧୀନତା ୭୫ ବର୍ଷରେ ପହଞ୍ଚିଥିବା ବେଳେ ଏବେ ବି ଏମାନେ ପରାଧୀନ ଜୀବନ କାଟୁଛନ୍ତି। ଏହି ଗାଁକୁ ଆଜି ପର୍ଯ୍ୟନ୍ତ ବିଧାୟକ, ମନ୍ତ୍ରୀ, ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କୁ ଗାଁକୁ ଆସିନାହାନ୍ତି କି ଗ୍ରାମବାସୀ ମଧ ଚିହ୍ନି ନାହାନ୍ତି। କେବେ ଏହି ବିଜ୍ରାଦର ଗ୍ରାମବାସୀ ସରକାରୀ ଯୋଜନାରେ ସାମିଲ ହେବେ। କେବେ ଉଇଁବ ବିକାଶର ସୂର୍ଯ୍ୟ, କେବେ ସ୍ୱଚ୍ଛ ପାଣି ପିବେ, କେବେ ଏହି ଗାଁର ପିଲା ହାତରେ ଟାଙ୍ଗିଆ ବଦଳରେ ଖାତା କଲାମ ଧରିବେ ତାହା ଦେଖିବାକୁ ବାକି ରହିଲା ।

### ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ ପ୍ରସ୍ତୁତି ବୈଠକ

**ରୁପ୍ରାରୋଡ,୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରସ୍ତୁତି ବୈଠକ ବାଗପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ଟି ବ୍ଲକଗ୍ରାଣ୍ଟପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରାୟ ୫୦ଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ବୈଠକରେ ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀଙ୍କ ୭ମ ବେତନ ତଥା ଅବସରକାଳୀନ ସୁବିଧା ସୁଯୋଗ ଦାବିରେ ଆଲୋଚନା କରିଥିଲେ। ଶିକ୍ଷକମାନେ ୩ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ ମାଧମରେ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ସମସ୍ତ ଶିକ୍ଷକ କର୍ମଚାରୀ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ବ୍ଲକଗ୍ରାଣ୍ଟ ମାଧମିକ ବିଦ୍ୟାଳୟ ଶିକ୍ଷକ କର୍ମଚାରୀ ସଙ୍ଗଠନ ମାଧମରେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବା ଲାଗି ସରକାରଙ୍କୁ ଚେତାଇ ଦିଆଯାଇଥିଲା। ବୈଠକରେ ଆବାହକ ବାଗପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ କାର୍ଯ୍ୟକାରୀ ସଭାପତି ଗଙ୍ଗା ନାରାୟଣ ଦାସ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ସମ୍ପାଦକ ସୁଦାମ ଚରଣ ମିଶ୍ର ସଙ୍ଗଠନ ଆହ୍ୱାନ ଓ ଭବିଷ୍ୟତ କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୧୪ ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ କର୍ମଚାରୀଙ୍କୁ ନେଇ ବ୍ଲକ କାର୍ଯ୍ୟକାରିଣୀ ଗଠିତ ହୋଇଥିଲା। ଜିଲା ସଂଯୋଜକ ବିନୟ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

## ଜୁନିୟର ଆନ୍ତଃଜିଲା କ୍ଲବ କ୍ରିକେଟ: କେଡିସିଏ ବିଜୟୀ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

**ଭବାନୀପାଟଣା,୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଓସିଏ ଭିଜନ୍-୨୪ ଜୁନିୟର ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘଟନୀ ମ୍ୟାଚ୍ ନବଦୁର୍ଗା କ୍ରିକେଟ କ୍ଲବ (ଏନଡିସିସି) ଓ କେଡିସିଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେଡିସିଏ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ୍ ହରାଇ ୨୦୮ ରନ୍ ସଂଗ୍ରହ କରିଥିଲା। ଏନଡିସିସି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। କେଡିସିଏ ୧୫୫ ରନ୍‌ରେ ବିଜୟୀ ହୋଇଥିଲା। କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଅଲମ୍ପିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏଶନ ପୂର୍ବତନ ସଭାପତି ରାହାସ ବିହାରୀ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଂସ୍ଥା ସମ୍ପାଦକ ସନ୍ତ ସିଂ, ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟ୍ଟନାୟକ, ଶାରୀରିକ ନିରୀକ୍ଷକ ମହେନ୍ଦ୍ର ପଣ୍ଡା, ସୁବାସ ପଣ୍ଡା, ଶମ୍ଭୁପ୍ରସାଦ ରାଉ୍ତ, ଚକ୍ରଧର ସେଠି, ଅଶୋକ ପଟ୍ଟନାୟକ, ନିର୍ମଳ ସିଂ, ପଙ୍କଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ। କ୍ରୀଡା ସଂସ୍ଥା ଯୁଗ୍ମ ସମ୍ପାଦକ ସୁନିଲ କୁମାର ଧନ୍ୟବାଦ ଦେଇଥିଲେ। ଟୁର୍ନାମେଣ୍ଟରେ ଜିଲାର ୫ଟି ଦଳ ଅଂଶ ଗ୍ରହଣ କରୁଥିବାବେଳେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**କୋକସରା,୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ପଞ୍ଚାୟତ କାଶିବାହଲଠାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଅଧିବାସ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାଶିବାହଲ ପଞ୍ଚାୟତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ ସଙ୍କୀର୍ତ୍ତନ ଦଳ କଳସ ଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ଅବସରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ସିଦ୍ଧେଶ୍ୱର ସରାଫ ସପତ୍ନୀକ ପୂଜାକର୍ତ୍ତା ଭାବେ ବ୍ରୁଲାଇଛନ୍ତି। ମନ୍ଦିର ପ୍ରତିଷ୍ଠା ଉତ୍ସରେ ଅନିଲ କୁମାର ବେହେରା, ନମିତା ବେହେରା ସପତ୍ନୀକ ପୂଜାକର୍ତ୍ତା ରହିବେ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କାଶିବାହଲ ଗ୍ରାମ୍ୟ କମିଟି ସଭାପତି ପ୍ରଭାକର ବେହେରା, ସମ୍ପାଦକ ଭଗବାନ ସରାଫ, କୋଷାଧ୍ୟକ୍ଷ ଲବଣୀ ଚଣ୍ଡୀ ପ୍ରମୁଖଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ପାଗଳା କୁକୁର କାମୁଡ଼ାରେ ୬ ଆହତ

**ଲାଞ୍ଜିଗଡ଼,୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ମୃଷାନାଳଠାରେ ପାଗଳା କୁକୁର କାମୁଡ଼ାରେ ୬ ଆହତ ହୋଇଛନ୍ତି। ଅଞ୍ଚଳର ୬ଜଣ ପୁରୁଷ, ମହିଳା ଓ ଶିଶୁଙ୍କୁ କାମୁଡି ବାହାରେ ବୁଲୁ ଥିବାରୁ ଲୋକେ ଭୟଭିତ ଅଛନ୍ତି। ଶୁକ୍ରବାର ମୃଷାନାଳ ଗାଁରେ ସକାଳେ ପ୍ରଥମେ ପିନାବାବୁ ଦୋରା, ବିମଳା ହରିଜନ, ଶୁଭମ ପାତ୍ର, ନିଳାଦ୍ରୀ ବାଗଙ୍କ ସମେତ ଉକ୍ତ ରାସ୍ତା ଦେଇ ଯାଉଥିବା ବେନଗାଁ ପଞ୍ଚାୟତ କୁଟିଙ୍ଗ ପଦର ଗାଁର ରାମ ହରିଜନଙ୍କୁ କାମୁଡି ରକ୍ତାକ୍ତ କରିଥିଲା। ଗୁରୁତର ଆହତ ହୋଇଥିବା ବେଳେ ନିଜ ଗାଁଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ କୌଣସି ସୁବିଧା ସୁଯୋଗ ମିଳୁ ନ ଥିଲା। ଖବର ପାଇ ଲାଞ୍ଜିଗଡ଼ ପ୍ରେସ କ୍ଲବ ସକ୍ରିୟ ସଦସ୍ୟ ସାମାଜିକ କର୍ମୀ ଧର୍ମେନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଆହତଙ୍କ ଚିକିତ୍ସା ଚାଲିଛି। ପାଗଳା କୁକୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ବେଳେ ତାକୁ କାବୁ କରିବା ପାଇଁ ଲୋକେ ଠେଙ୍ଗାବାଡ଼ି ଧରି ଘଉଡ଼ାଇଥିଲେ। କୁକୁର ଅଞ୍ଚଳରେ ବୁଲୁଥିବାରୁ ଅଞ୍ଚଳବାସୀ ଭୟଭିତ ହୋଇପଡିଛନ୍ତି।

## ବିଜାପାଟିଠାରେ କ୍ଷେତ୍ର ଦିବସ

**କର୍ଲାମୁଣ୍ଡା,୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ମିଲେଟ ମିଶନ ଯୋଜନା କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ବିଜାପାଟିଠାରେ ଶୁକ୍ରବାର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ୱାସନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଜିତୁ ନାଏକ, ଅତିରିକ୍ତ ଜିଲା କାର୍ଯ୍ୟକ୍ରମ ସଂଯୋଜିକା ପୂଜା ବର୍ମା, ରାଜ୍ୟ ବିହନ ବିଶେଷଜ୍ଞ ପୁଲକ ରଞ୍ଜନ ନାୟକ, ଏଏଓ ଅରୁଣ ଚନ୍ଦ୍ର ପାଢ଼ୀ, ରେଗଡା ସରପଞ୍ଚ ଦୀପ୍ତି ରାଣୀ ସାହୁ, ସରଗୁଲ ମାଲପଡା ସରପଞ୍ଚ ବରୁଣ ଛତ୍ରୀଆ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ଷୁଦ୍ର ଶସ୍ୟର ଚାହିଦା ଓ ତାକୁ ଖାଦ୍ୟ ରୂପେ ଗ୍ରହଣ କରିବା, ଅମଳ ବୃଦ୍ଧି, ଚାଷର ବିଭିନ୍ନ ପଦ୍ଧତି, ମଣ୍ଡି ବ୍ୟବସ୍ଥା ସହିତ ସରକାରୀସ୍ତରରେ ଏଥିପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋଚନା କରାଯାଇଛି। ପରେ ପିଭିଟିରେ ହୋଇଥିବା ୨୧ଟି ବିହନ ପ୍ଲଟକୁ ଚାଷୀମାନେ ୬ଟି ଦଳରେ ବିଭକ୍ତ ହୋଇ ଭଲ ବିହନ ଚିହ୍ନଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କୃଷି କର୍ମୀ ଲୋକନାଥ ନାଗ, ସନ୍ତୋସିନୀ ବରାହ, ନବୀନ ମାଝି, ସୁରଜ ଶେଖର ସାହୁ, ଏଟିଏମ ଶ୍ୟାମ ପଦ ଭଞ୍ଜ, ମିଳନ କୁମାର ଗୋଛାୟତ, ଓଁମ ପ୍ରକାଶ ମିଶ୍ର, ସିଆରପି ଭାନୁମତି ପଧାନ, ଶ୍ରଦ୍ଧାଞ୍ଜଳି ବାଗ, ଜୀବର୍ଦ୍ଧନ ସାହୁ, ପ୍ରବୀଣ ଭୋଇ, ବାଲ୍ମୀକି ଛତ୍ରିଆ, କୃଷକ ସାଥି ସାମନ୍ତ ଦୀପ ଓ ଅଜୁ ରଣା, କ୍ଷୀର ସାଗର କୁମାର୍, ସତ୍ୟସାଇ ପଧାନ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଉଦ୍‌ବୋଧନ ଦେଉଛନ୍ତି।

## ଚାରବାହାଲରେ ମଣ୍ଡି ଉଦ୍‌ଘାଟିତ

**ଭବାନୀପାଟଣା,୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ଓ ଧର୍ମଗଡ ବ୍ଲକ ନନ୍ଦଗାଁ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ଆତ୍ମା ଅଧ୍ୟକ୍ଷ ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ, ଭବାନୀପାଟଣା ଆତ୍ମା ଅଧ୍ୟକ୍ଷ ସଚିଦାନନ୍ଦ ମହାକୁଡ, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ନର୍ଦ୍ଦେଶିକା ମନିଷା ସାହୁ, ନିର୍ଦ୍ଦେଶକ ଟିକମନ ବାରିକ, ଜିଲା କୃଷି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସୁଶାନ୍ତ ନାଏକ, ଯୁଧିଷ୍ଠିର ବିଶି, ପ୍ରାଣ କିଶୋର ପଣ୍ଡା, ମହେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବେହେରା ରାଜ୍ୟ ସରକାରଙ୍କ କୃଷି ଆନୁସାଙ୍ଗିକ ଯୋଜନାକୁ କୃଷି ସମବାୟ ମାଧ୍ୟମରେ ଚାଷୀଙ୍କ ଦ୍ୱାରକୁ କିପରି ପହଞ୍ଚି ପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମାନା କରି କୃଷକଙ୍କ ସମ୍ମାନ, ସ୍ୱାଭିମାନ ଓ ସାମଗ୍ରିକ ବିକାଶ ସଦାସର୍ବଦା ପ୍ରୟାସ କରିବେ ବୋଲି ଅଭିଭାଷଣରେ କହିଥିଲେ।



ମଣ୍ଡିକୁ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଉଦ୍‌ଘାଟନ କରୁଛନ୍ତି।

## ୧୭ ଦିନ ହେଲା ଶୀତ କାକରରେ ଧାରଣା

### ପ୍ରଶାସନ ଚୁପ୍ ହୋଇ ବସିଛି

**ନୂଆପଡ଼ା ଅଫିସ,୨।୧୨**

ନୂଆପଡା ସଦର ତହସିଲ ସାରାବଙ୍ଗ ଗ୍ରାମର ଗିରିଧାରୀ ଦେବାଙ୍ଗନ ନିଜର ହକ ପାଇଁ ୧୭ ଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋଲା ଆକାଶ ତଳେ ଶୀତ କାକରରେ ଧାରଣା ଦେଇଛନ୍ତି। କିନ୍ତୁ ପ୍ରଶାସନର କୌଣସି ପଦକ୍ଷେପ ନ ନେଇ ଚୁପ୍ ହୋଇ ବସିଛି। ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟରେ ଶୀତ ଲହର ଜାରିଥିବାରୁ ରାତିରେ ଖୋଲା ଆକାଶ ତଳେ ନ ରହିବାକୁ ବାରଣ କରିବା ସହ ବିନା ଅନୁମତିରେ ଧାରଣାରେ ବସି ରହିଥିବାରୁ ତୁରନ୍ତ ଧାରଣା ବନ୍ଦ ନେଇ ଏକ ପତ୍ର ଜାରି କରାଯାଇଛି। ହେଲେ ଗିରିଧାରି ଉକ୍ତ ପତ୍ର ଗ୍ରହଣ କରିବାକୁ ମନା କରି ଦେଇଛନ୍ତି।

ସୂଚନା ଅନୁସାରେ ସାରାବଙ୍ଗ ଗ୍ରାମର ଗିରିଧାରୀ ଦେବାଙ୍ଗନ ଓ ତାଙ୍କ ବଡ ଭାଇ ହୁକୁମଚନ୍ଦ ଦେବାଙ୍ଗନ ୧୯୯୪ରେ ୧୫ ଡେସମିଲ ଜାଗା କ୍ରୟ କରିଥିଲେ। ୨୦୦୮ରେ ଉକ୍ତ ସ୍ଥାନର ପଟ୍ଟା ମିଳଥିଲା। କିନ୍ତୁ ପଟ୍ଟା ତାଙ୍କ ବଡ ଭାଇ ହୁକୁମଚନ୍ଦଙ୍କ ନାମରେ ଆସିଥିବା ବେଳେ ୧୫ ଡେସମିଲ ପରିବର୍ତ୍ତେ ୨୪ ଡିସମିଲର ପଟ୍ଟା ଆସିବା ସହ ସେହି ସ୍ଥାନର ଖାତା ନଂ ଓ ପ୍ଲଟ ନଂ ବଦଳି ଯାଇଥିଲା। ଏସବୁ ବିଷୟରେ ଅଜ୍ଞ ଗିରିଧାରି ୨୦୧୪-୧୫ରେ ନିଜ ସ୍ତ୍ରୀ ମମତା ଦେବାଙ୍ଗନଙ୍କ ନାମରେ ଆବାସ ଗୃହ ଆବେଦନ କରିଥିଲେ। ଉକ୍ତ ସ୍ଥାନରେ ଘର ନିର୍ମାଣ ଆରମ୍ଭ କରିଥିଲେ। ପରବର୍ତ୍ତି ସମୟରେ ତତକାଳୀନ ସରପଞ୍ଚ ଘର ନିର୍ମାଣ ବନ୍ଦ କରାଇବା ସହ ତାଙ୍କ ଘର ସମ୍ମୁଖରେ କମ୍ୟୁନିଟି ହଲ ନିର୍ମାଣ କରାଇଥିଲେ। ସେହି ଦିନଠାରୁ ମମତା ଜମି ପଟ୍ଟା ଧରି କାର୍ଯ୍ୟାଳୟକୁ ନ୍ୟାୟ ପାଇଁ ଘୁରି ବୁଲୁଥିଲେ। ଏପରି କି କୋର୍ଟର ଆଶ୍ରୟ ମଧ୍ୟ ନେଇଥିଲେ। କୋର୍ଟ ତାଙ୍କୁ ତାଙ୍କର ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ମଧ୍ୟ ଏଯାବତ ଉକ୍ତ ସ୍ଥାନ ଚିହ୍ନଟ ହୋଇ ପାରିନାହିଁ କିମ୍ବା ମମତାଙ୍କ ଆବାସ ଗୃହ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଗିରିଧାରି ଓ ମମତା ବାରମ୍ବାର ଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାରଙ୍କୁ ସାକ୍ଷାତ କରି ଗୁହାରି କରିଥିଲେ ମଧ୍ୟ କୌଣସି ଶୁଣାଣି ନ ହେବାରୁ ବାଧ୍ୟ ହୋଇ ଗିରିଧାରି ସପରିବାରଙ୍କୁ ଧରି ଗତ ୧୫ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଣାର ୨ ଦିନ ପରେ ଧାରଣା ସ୍ଥଳରେ ଲାଗିଥିବା ଟେଣ୍ଟକୁ ମାଲିକ ନେବା ପରେ ମଧ୍ୟ ଗିରିଧାରିଙ୍କ ସପରିବାର ଖୋଲା ଆକାଶ ତଳେ ଶୀତ କାକରରେ ଧାରଣାରେ ବସିଛନ୍ତି।



ଧାରଣାରେ ବସିଥିବା ଗିରିଧାରୀଙ୍କ ପରିବାର।

## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ତରଭା,୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ପୁଆ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ରଞ୍ଜନ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ୨୦୨୧ ଏପ୍ରିଲ ୨୯ ତାରିଖ ଦିନ ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ଅଙ୍କରିଆପଦର ଗ୍ରାପ କେସେର୍କେଲା ଗାଁର ଦେବ ପଧାନଙ୍କ ଝିଅ ରୁକ୍ମଣୀ ପଧାନଙ୍କୁ ତରଭା ଥାନା ଅନ୍ତର୍ଗତ ପୁଆ ଗ୍ରାମର ବଶିଷ୍ଠ ସାହୁଙ୍କ ପୁଅ ରଞ୍ଜନ ସାହୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ବେଳେ କନ୍ୟାପକ୍ଷ ରୁକ୍ମଣୀଙ୍କୁ ଗ୍ଲାମର୍ ଗାଡ଼ି ସହ ବିଭିନ୍ନ ଯୌତୁକ ସାମଗ୍ରୀ ଦେଇଥିଲେ। ମାତ୍ର ଅଭିଯୋଗ ଅନୁସାରେ ଗ୍ଲାମର ଗାଡ଼ି ପରିବର୍ତ୍ତେ ପଲସର ଗାଡ଼ି ଆଣିବାକୁ ରୁକ୍ମଣୀଙ୍କ ଉପରେ ସ୍ୱାମୀ ଚାପ ପକାଇ ଆସୁଥିଲେ । ଏହାକୁ ନେଇ ଅକଥନୀୟ ନିର୍ଯାତନା ଦିଆ ଯାଉଥିଲା । ଶେଷରେ ରୁକ୍ମଣୀଙ୍କୁ ମାରି ଦିଆଯାଇଛି ବୋଲି ଗତ ୩୦ ତାରିଖରେ କନ୍ୟାଘର ପକ୍ଷରୁ ରାଜେଶ ପଧାନ ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ସବ୍ ଇନ୍ସପେକ୍ଟର ଆରତୀ କହଁର ଓ ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ପୁଆ ଗ୍ରାମର ଅଭିଯୁକ୍ତଙ୍କ ଘରକୁ ଯାଇ ତଦନ୍ତ କରିଥିଲେ । ଏହି ଘଟଣାରେ ରୁକ୍ମଣୀଙ୍କ ସ୍ୱାମୀ ରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁବ୍ରତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହାଛଡା ଅନ୍ୟ କାହାର ସମ୍ପୃକ୍ତି ଅଛି ସେନେଇ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

### ପ୍ଲାଷ୍ଟିକ ମୁକ୍ତ ବୌଦ୍ଧ ସହର ପାଇଁ ସଚେତନତା

**ବୌଦ୍ଧ,୨।୧୨ (ସ୍ୱ.ପ୍ର.):** ବିଜ୍ଞାପିତ ଅଞ୍ଚଳ ପରିଷଦ ବୌଦ୍ଧଗଡ ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ରଥ ଶୋଭାଯାତ୍ରାକୁ ଏନ୍ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧକ୍ଷା ସୁଭାଷିନୀ ସେଠୀ, ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ରଥ ସହର ପରିକ୍ରମା କରିଥିଲା। ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ ପ୍ରଚାରପତ୍ର ବାଣ୍ଟିବା ସହିତ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ପରିଷଦର ଜୁନିୟର ସାନିଟେସନ ଏକ୍ସପର୍ଟ, ଗୋଷ୍ଠୀ ସଙ୍ଗଠିକା ସୁପର୍ଣ୍ଣା ମହାନ୍ତି, ପ୍ରଫୁଲ୍ଲ ପଟ୍ଟନାୟକ ଓ ସମସ୍ତ ସ୍ୱଚ୍ଛସାଥୀ, ସୁପରଭାଇଜର, ମିଶନ ଶକ୍ତି ମହାସଂଘର ସଭାପତି ଓ ସମ୍ପାଦକ ଏବଂ ଏନଏସିର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ପକ୍ଷ ପାଳିତ

**ଅମରପାଲି,୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପକ୍ଷରୁ ଟିକିରାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଟିକିରାପଡା ଉ.ପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାକାରୀମାନେ ସ୍ୱଚ୍ଛତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଟିକିରାପଡା ଗ୍ରାମ ପରିକ୍ରମା କରଥିଲେ । ଏନେଇ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ସାହୁଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଉପଖଣ୍ଡ ଡାକ୍ତରଖାନାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ ଓ ଏମପିଏଚଏସ ଆଲୋକ କୁମାର ସେଠ, ସିଆରସିସି ଜମ୍ବେଶ୍ୱର ଦୀପ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ, ଶିକ୍ଷକ ରବିନ୍ଦ୍ର ବେହେରା, ଜେ. ପଣ୍ଡା, ଲୀଳାମୟୀ ପଟ୍ଟନାୟକ, ଆଶାକର୍ମୀ ଉପସ୍ଥିତ ଥିଲେ ।

# ରାସ୍ତା ଅବରୋଧ କଲେ ଚାଷୀ

**ସରଣ୍ଡା,୨।୧୨(ଡି.ଏନ.ଏ.)**


ଚାଷୀମାନେ ଏନ୍ଏଚ୍-୫୩କୁ ଅବରୋଧ କରିଛନ୍ତି।

ବରଗଡ଼ ଜିଲାରେ ଖରିଫ ଧାନ ବିକ୍ରି ଆରମ୍ଭରୁ ଟୋକନ ସମସ୍ୟା ଦେଖାଦେଇଛି। ଫଳରେ ଚାଷୀମାନେ ଧାନବିକ୍ରିକରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଶୁକ୍ରବାର ସକାଳ ୮ଟାରୁ ବରଗଡ଼ ଜିଲା ଗୋଡ଼ଭଗା ମାର୍କେଟ ୟାର୍ଡ ସମ୍ମୁଖ ୫୩ ନଂ. ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଥିଲେ। ଖବର ପାଇ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନ, ବରଗଡ ଉପଜିଲାପାଳ ଲଲାଟ କୁମାର ଲୁହା, ଡିଆର୍‌ସିଏସ୍ କେ. ସେଠୀ, ଏଆର୍‌ସିଏସ୍ ଅଶୋକ ଦାଶ, ବରଗଡ଼ ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କଣ୍ଡ, ଯୋଗାଣ ନିରୀକ୍ଷକ ରଞ୍ଜନ କୁମାର

**ଧାନ ବିକ୍ରିରେ ଟୋକନ ସମସ୍ୟା**

ନାୟକ, ଆର୍ଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ଚାଷୀ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସମେତ ଟିକେଲାଲ ମିଶ୍ର, ବୁଦ୍ଧଦେବ ନନ୍ଦ, ସୁରେଶ କର୍ଣ୍ଣ, ଭୁବନ ପ୍ରଧାନ, ଅମୂଲ୍ୟ ସ୍ୱାଇଁ, ନରେନ୍ଦ୍ର ଭୋଇ, ସମୀର ପଧାନ, ଦଶରଥ ଭୋଇ, ସୁରେନ୍ଦ୍ର ସ୍ୱାଇଁ, ଏସ୍. ଭି. ରାଓ, ବି. ପାପାରାଓ, ଅଶ୍ୱିନୀ ତ୍ରିପାଠୀ, ଦେବେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ମହିଳା କଲେଜରେ ବିଶ୍ୱ ଏଡ୍‌ସ ଦିବସ

**ବରପାଲି,୧।୧୨(ଡି.ଏନ.ଏ.)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଛି। ଓଡ଼ିଆ ବିଭାଗ ମୁଖ୍ୟ ତଥା ୟୁବ ରେଡ୍‌କ୍ରସ କାଉନସିଲର ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ସମ୍ମାନିତ ଅତିଥି ପତଞ୍ଜଳି ଚିକିତ୍ସାଳୟର ଡା. ବିଜୟ କୁମାର ଗଡତିଆ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏଚ୍‌ଆଇଭି ଏଡ୍‌ସ ଉପରେ ଆଲୋଚନା କରିଥିଲେ। ଅଧାପିକା ପିଙ୍କି ପାଇକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସ୍ୱେଚ୍ଛାସେବୀମାନେ ଲେଣ୍ଡା ଗାଁରେ ଲୋକଙ୍କୁ ପୁସ୍ତିକା ବଣ୍ଟନ କରିବା ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ନୀତିଶ ତାଣ୍ଡି, ନେପାଳ ବିଶାଳ, ପ୍ରଦୀପ କୁମାର ମିଶ୍ର, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧାପିକା ନୀଳିମା ନାୟକ, ଅଙ୍କିତା ବାବୁ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ଡଲି ପଧାନ ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଲୁ କୁମ୍ଭାର, ଆନନ୍ଦ ବେହେରା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।

## ଅବକାରୀ ଚଢ଼ାଉ, ୪ ଗିରଫ

**ପଦ୍ମପୁର,୨।୧୨(ଡି.ଏନ.ଏ.)**

ପଦ୍ମପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ୨ଦିନ ଧରି ଚଢ଼ାଉ ହୋଇଛି। ଏହି ଚଢାଉ ବେଳେ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦ୍ରମଣି ବେହେରା, ପିତାମ୍ବର ପାତ୍ର, ପ୍ରଶାନ୍ତ ସାହୁ ଏବଂ ଜଣେ ମହିଳା। ସେମାନଙ୍କଠାରୁ ୧୦୧୫ ଲିଟର ରନ୍ଧା ଦେଶୀ ମଦ, ୧୬୩୦୦ ଲିଟର ମହୁଲ ପୋଚ ଓ ମଦ ତିଆରି ସାମଗ୍ରୀ ଜବତ ହୋଇଛି। ଏ ନେଇ ୧୪ଟି ମାମଲା ରୁଜୁ କରାଯାଇଛି।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ

**ବରପାଲି,୨।୧୨(ଡି.ଏନ୍.ଏ.)**


ବରପାଲି ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମହାସଂଘ ଆହ୍ୱାନ କ୍ରମେ ବରପାଲି ସଂଘ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ବରପାଲି ସରକାରୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାକିରି କ୍ଷେତ୍ରରେ କ୍ୟାଡ଼ର ବ୍ୟବସ୍ଥା ପ୍ରଚଳନ ସହ ଚାକିରି କାଳ ମଧ୍ୟରେ ଅତି କମରେ ୪ଟି ପଦୋନ୍ନତି, ଗ୍ରେଡ୍ ପେ ଲାଗୁ କରିବା, ଠିକା ପ୍ରଥା ଉଚ୍ଛେଦ କରି ନିୟମିତ କରିବା, ପୋଷାକ ଭତ୍ତା ପ୍ରଦାନ ଆଦି ଦାବିରେ ସଂଘର କର୍ମକର୍ତ୍ତାମାନେ ବରପାଲି ଡାକ୍ତରଖାନା ମୁଖ୍ୟ ଡାକ୍ତର ରାଜେଶ ବେହେରା ଓ ଆଗଲପୁର ଡାକ୍ତରଖାନା ମୁଖ୍ୟ ଡାକ୍ତର କୃପାସିନ୍ଧୁ ସାହୁଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ

**ସ୍ୱାସ୍ଥ୍ୟକର୍ମୀ ମହାସଂଘର ଚେତାବନୀ**

କରିଥିଲେ। ଏହି ସମୟରେ ସଂଘ ସଭାପତି ଚୈତନ୍ୟ ପ୍ରସାଦ ବେହେରା, ସମ୍ପାଦିକା ପ୍ରଭାସିନୀ ସାହୁ, କୈଳାଶ ଚନ୍ଦ୍ର ସାହୁ, ଗୋବର୍ଦ୍ଧନ ମେହେର, ସଞ୍ଜୀବ ଦାସ, କୁବେର ଚନ୍ଦ୍ର ଯୋଶୀ, ଜ୍ୟୋତି ଜୋଯୋ, ଶାନ୍ତିଲତା ଦାସ, ମାନସୀ ଦାସ, ମର୍ଷାଲିନ କରୋ, ମାଳତୀ ଦେଇ, ତପସିନୀ ଭୋଇ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

**ସରଣ୍ଡା,୨।୧୨(ଡି.ଏନ.ଏ.)**

ବରଗ ଜିଲା ଅତାବିରା ବ୍ଲକ ସ୍ଥିତ ଲରମ୍ଭା କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧକ୍ଷ ଡଃ ପ୍ରମୋଦ ଭୋଇଙ୍କ ଅଧକ୍ଷତାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଏକ ସଭା ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧାପକ ଅଶୋକ କୁମାର ମହାନ୍ତି, ଏନସିସି ନାଭାଲ ଅଧିକାରୀ ସରୋଜ ନାୟକ, ଏନସିସି ଆର୍ମି ଅଧିକାରୀ ପାଟମଞ୍ଜରୀ ସାହୁ, ୱା.ଆର.ସି ଅଧିକାରୀ କାଦମ୍ବିନୀ ଗୁରୁ, ସୁନିଲ ପ୍ରଧାନ, ଏନ୍ଏସ୍ଏସ୍ ଅଧିକାରୀ ଅଜିତ କୁମାର ନାଥ, ସଂଘମିତ୍ରା ମହାକୁର, ଗଣେଶ ସିଂ, ପବିତ୍ର ମାହାଣା, ଦୀପିକା ଏଲିଜାବେଥ ଲାକ୍ରା, ଯଶୋବନ୍ତୀ ସା ରଜତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟ ଓ ଶ୍ରୀରାମ ନରସିଂହ କଲେଜ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡଃ ଶୁଭଶ୍ରୀ ଖଡଙ୍ଗା ମୁଖ୍ୟଅତିଥି, ଅନ୍ତର୍ଜାତୀୟ ଖେଳାଳି ସନ୍ତୋଷ କୁମାର ପ୍ରଧାନ, ବିଶିଷ୍ଟ ପ୍ରବଚିକା ସଞ୍ଜୁ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଏଡ୍‌ସ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଜନ କଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ ସଭାପତିତ୍ୱ କରିଥିବାବେଳେ ପ୍ରଦୀପ କୁମାର ମହାପାତ୍ର ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ସନ୍ତୋଷ କୁମାର ପ୍ରଧାନ ଓ ସେବା ପାଇଁ ମଞ୍ଜୁ ସତପଥୀଙ୍କୁ ସମ୍ମାନିତ କରାଯାଇଥିଲା।

## ଡିସେମ୍ବର ୧୦ରୁ ବୌଦ୍ଧ ଧନୁଯାତ୍ରା

**ବୌଦ୍ଧ, ୨।୧୨ (ସ୍ୱ.ପ୍ର.)**

ଦୁଇବର୍ଷର କରୋନା ପରେ ଚଳିତବର୍ଷ ପୁଣି ଥରେ ଡିସେମ୍ବର ୧୦ରୁ ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ବୌଦ୍ଧ ବୁଦ୍ଧ ପଡିଆରେ ଡିସେମ୍ବର ୧୦ ରୁ ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଯାତ୍ରା ପାଇଁ ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଚଳିତବର୍ଷ ଯାତ୍ରା ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ନିଷ୍ଠା ସହ ଲାଗିପଡିଥିବା ବେଳେ ଯାତ୍ରାକୁ ଅଧିକ ଆକର୍ଷଣୀୟ ଭାବରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରକାଶ ଥାଉକି ବୌଦ୍ଧର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରା ପରେ ଧନୁଯାତ୍ରା ମଧ୍ୟ ଜିଲା ତଥା ଜିଲା ବାହାର ଦର୍ଶକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ବିଶେଷ ଭାବରେ ଅନୁଷ୍ଠାନର କଳାକାରଙ୍କ ନିଖୁଣ ଅଭିନୟ ସାଙ୍ଗକୁ କଂସ ମହାରାଜଙ୍କ ନଗର ପରିକ୍ରମା ଲୋକଙ୍କୁ ଯାତ୍ରା ପ୍ରତି ଅଧିକ ଆକର୍ଷିତ କରିଥାଏ। ଆର୍ଥିକ ସମସ୍ୟାର ସମାଧାନ ସହିତ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ କିଛିବର୍ଷ ହେଲା ଧନୁଯାତ୍ରା ସହିତ ମୀନାବଜାର, ବାଣିଜ୍ୟ ମେଳା ଆଦି ଆୟୋଜନ କରାଯାଇ ଆସୁଛି। ଧନୁଯାତ୍ରାର ସଫଳତା ପାଇଁ ଅନୁଷ୍ଠାନ ପକ୍ଷରୁ ଜିଲାବାସୀଙ୍କ ଅକୁଣ୍ଠ ସହଯୋଗ କାମନା କରାଯାଇଛି।

# ବରଗଡ଼ ଧନୁଯାତ୍ରା: ଗୋପପୁରରେ ଶୁଭଧ୍ୱଜା ସ୍ଥାପିତ


ଗୋପପୁରରେ ଶୁଭଧ୍ୱଜା ସ୍ଥାପନ କରାଯାଉଛି।

**ବରଗଡ ଅଫିସ,୨।୧୨**

ବରଗଡ଼ ଧନୁଯାତ୍ରା ପାଇଁ ଗୋପପୁରରେ ଶୁଭଧ୍ୱଜା ସ୍ଥାପିତ ହୋଇଛି। ଶୁକ୍ରବାର ଅପରାହ୍ନ ୩ଟାରେ ଅମ୍ବାପାଲିର ଦେବୀ ମାଁ ସମଲେଶ୍ୱରୀଙ୍କଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଗୋପପୁର ଗାଁର ସମସ୍ତ ଛୋଟବଡ଼ ମନ୍ଦିରରେ ଧ୍ୱଜା ପରିବର୍ତ୍ତନ କରାଯାଇଥିଲା। ଏହାପରେ ଶୋଭାଯାତ୍ରା ଜିରା ନଦୀ କୂଳ କଦମ୍ବ ପଡିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ଲୋକବାଦ୍ୟ ସଞ୍ଚାର, ସଂକୀର୍ତ୍ତନ ସହ ବ୍ୟାଣ୍ଡବାଦ୍ୟ ସାମିଲ ହୋଇଥିଲା। ରାଜପୁରୋହିତ ପଣ୍ଡିତ ଭଗବାନ ବିର୍ତ୍ତିଆ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ଧନୁଯାତ୍ରା ମହୋତ୍ସବ ଗୋପପୁର କମିଟିର ସହ ଆବାହକ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯାତ୍ରାରେ କୌଣସି ବାଧାବିଘ୍ନ ନ ଘଟିବା ପାଇଁ ରାଜପୁରୋହିତ ଦଶ ଦିଗପାଳ ସହ ଅଷ୍ଟକୁଳା ନାଗକୁ ପୂଜା କରି ୭୫ତମ ଧନୁଯାତ୍ରା ପାଇଁ ଶୁଭଧ୍ୱଜା ସ୍ଥାପନ କରିଥିଲେ। ଏହି ଅବସରରେ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଜିଲାପାଳ ଲଲାଟ ଲୁହା, ଗୋପପୁର କମିଟିର ଦୀପାଞ୍ଜଳି ବାଗ, ମହାଦେବ ବିର୍ତ୍ତିଆ, କୃଷ୍ଣ ମହାପାତ୍ର, ହାଡୁ ମଲ୍ଲିକ, ଗୁଲଠୁ ପ୍ରଧାନ, ରାକେଶ ବୁଡେକ, ଅଗ୍ନି ଥପା, ଦିଲୀପ ପ୍ରଧାନ, ଶେଷ ବିର୍ତ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶୋଭାଯାତ୍ରାରେ କୃଷ୍ଣ ଅଭିନେତା ସମ୍ରାଟ ମହାପାତ୍ର, ବଳରାମ ଶ୍ରେୟସ ପୂଜାରୀ, ରାଧା ବୈଷ୍ଣବୀ ବିର୍ତ୍ତିଆ, ମଧୁମଙ୍ଗଳ ସତ୍ୟନାରାୟଣ ଷଡ଼ଙ୍ଗୀ, ନନ୍ଦରାଜା ସତ୍ୟନାରାୟଣ ପୋଡ଼, ରାଜେନ୍ଦ୍ର ପ୍ରସାଦ ସିଂ, ଦୟାନିଧି ପ୍ରଧାନ, ସୁଖଦେବ ଭୋଇ ସମେତ ଗୋପପୁର କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ ।

## ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ

**ଡୁଙ୍ଗୁରିପାଲି,୨।୧୧(ଡି.ଏନ.ଏ.)**

- ପରିବାର ଲୋକେ ଅଳ୍ପକେ ବର୍ତ୍ତିଲେ
- ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି

ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସହଲାରୋଡ଼ ରେଳଲାଇନ ଫାଟକ ନିକଟରେ ଥିବା ନିରାକାର ମେହେରଙ୍କ ଦୋକାନ ସମ୍ପୂର୍ଣ୍ଣ ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ପ୍ରାୟ ଲକ୍ଷାଧିକ ଟଙ୍କା ହେବ। ତେବେ ମେହେରଙ୍କ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ନିରାକାର ଦୋକାନର ଉପର ମହଲାରେ ବସି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ବେଳେ ଦୋକାନରେ ଥିବା ଏକ ଗ୍ୟାସ ସିଲିଣ୍ଡରରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ନିଆଁ ପ୍ରବଳ ବେଗରେ ବ୍ୟାପିବାରୁ ଅନ୍ୟ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିଯୋଗୁ ଉପର ମହଲାରେ ଥିବା ଦୋକାନ ଗୃହରେ ନିଆଁ ଲାଗି ଛାତ ଫାଟି ଯାଇଥିଲା । ପରିବାର ଲୋକେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ହେଲେ ଦୋକାନ ଗୃହର ତଳକୋଠାରେ ସୁରେଖା ମେହେର ଫସି ରହିଥିଲେ। ଖବରପାଇ ନିଆଁଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସୁରେଖାଙ୍କୁ ଉଦ୍ଧାର କରିଥିଲେ। ନିଆଁ ଲିଭାଇବାକୁ ପ୍ରାୟ ୧ ଘଣ୍ଟା ଲାଗିଥିବା ବେଳେ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇ ଯାଇଛି। ସୁରେଖାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।


ପୋଡ଼ି ଯାଇଥିବା ଦୋକାନ ଘର।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଜାମଟିକ୍ରା,୨।୧୨(ଡି.ଏନ.ଏ.)**

ଅତାବିରା ବ୍ଲକ ଅମଲିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ମହେନ୍ଦ୍ର ପ୍ରଧାନଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ସୁନା, ସରପଞ୍ଚ ସୁନନ୍ଦା ବିଶାଳ, ସହକାରୀ ଶିକ୍ଷକ କର୍ଣ୍ଣ ପ୍ରଧାନ, ଗୁଣମଣି ଲୁହା, ରବିନ୍ଦ୍ର ନାଥ ଭୋଇ, ରିକୁନାଥ ଦାସ, ଜିତୁ ମହାନନ୍ଦ, ଗିରିଜା ପ୍ରଧାନ, ରୀତା ପ୍ରଧାନ, ସ୍କୁଲ କମିଟି ଅଧକ୍ଷ ଅଶୋକ ସାହୁ, ସରପଞ୍ଚ ପ୍ରତିନିଧି କୁନୁ ବିଶାଳ, ଋଷଭ ନାଏକ, କିଶୋର ନାଏକ, ମଦନ ମାଝୀ, ମିନକେତନ ଭୁଏ, ହରିବୋଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡାହାଜା ଭିଏସ୍ଏସ୍ ଗୃହ ଉଦ୍‌ଘାଟିତ

**ସୋନପୁର,୨।୧୨(ନି.ପ୍ର.)**


ବନଖଣ୍ଡ ଅଧିକାରୀ ଭିଏସଏସ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

ସୁବର୍ଣ୍ଣପୁର ବନଖଣ୍ଡ ସୋନପୁର ବନାଞ୍ଚଳ ଅନ୍ତର୍ଗତ ଡାହାଜା ବନ ସୁରକ୍ଷା ସମିତି(ଭିଏସଏସ)ର ଗୃହ ଓ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ସୁବିଧା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ନିତିଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗୃହ ଉଦ୍‌ଘାଟନ କରିବା ସହ ଡାହାଜା ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲେ । ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନୁଦାନରେ ଏହି ଗୃହ ନିର୍ମାଣ ହୋଇଛି। ବନଖଣ୍ଡ ଅଧିକାରୀ ଏହି ଅବସରରେ ବନ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କ ସହିତ ବନୀକରଣ, ପୁରାତନ ଜଙ୍ଗଲର ସୁରକ୍ଷା ଏବଂ ଅଞ୍ଚଳବାସୀଙ୍କ ରୋଜଗାର ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ, ସୋନପୁର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ବାଘ, ବନପାଳ ତଥା ସମିତିର ସଭ୍ୟ ସମ୍ପାଦକ ଦେବରାଜ ଛତ୍ରିଆ ଓ ଭିଏସଏସର ସଭାପତି ସୁରେନ୍ଦ୍ର କୁମାର ଦେହେରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରକାଶ କୁମାର ସାହୁ, ବନରକ୍ଷୀ ସୁଜ୍ଞାନୀ ମିଶ୍ର, ଗ୍ରାମର ସୁଲିଆ ବୁଢା ସ୍ୱୟଂସହାୟକ ଗୋଷ୍ଠୀ ଓ ମା' କଙ୍କାଳି ବୁଢା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଭିଏସଏସର କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

# ପ୍ରକୃତ ଦୋଷୀଙ୍କୁ ଦଣ୍ଡଦେବାକୁ ଜିଲାପାଳଙ୍କୁ ଭେଟିଲେ

**ବୌଦ୍ଧ, ୨।୧୨(ସ୍ୱ.ପ୍ର.)**


ଅଭିଯୋଗ କରିବାକୁ ଜିଲାପାଳଙ୍କ ପାଖରେ ଫେରାଦ ହୋଇଛନ୍ତି ପରିବାର ଲୋକ।

**ଡିନାମାଇଟ ଫୁଟାଇଥିବା ସନ୍ଦେହରେ ଗିରଫ ବ୍ୟକ୍ତି ନିର୍ଦ୍ଦୋଷ ବୋଲି କହିଲେ ପରିବାର ଲୋକ**

ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡ଼ା ଫାଣ୍ଡିର ଟିକରପଡା ପଞ୍ଚାୟତର ଲକଡପାଲୁ, ସାଲଦରଙ୍ଗା ଏରିଆରେ ଗତ ୨୭ରେ ପୋଲିସ ଓ ବନ ବିଭାଗ କର୍ମଚାରୀ ଗଞ୍ଜେଇ ଚାଷ ନଷ୍ଟ କରିବାକୁ ଯାଉଥିବା ସମୟରେ ଗୁରୁଜିମୁଣ୍ଡା ଠାରେ ଡିନାମାଇଟ ବିସ୍ଫୋରଣ ଘଟିଥିଲା। ପୋଲିସ ଘଟଣାସ୍ଥଳରୁ ବିଦ୍ୟୁତ୍ ତାର ଜବତ କରିଥିଲା। ଏହି ଘଟଣାରେ ପୋଲିସ ମଲିକପଡା ଓ ଧଦଲାପଡା ଗ୍ରାମର ଏକାଦଶୀ ଉର୍ମା, ବିଘ୍ନେଶ୍ୱର ଦୀପ ଓ ମିଶ୍ର ସୁନାକୁ ଗିରଫ କରିଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ନିର୍ଦ୍ଦୋଷ ବୋଲି ତାଙ୍କ ପରିବାର ଲୋକ ଶୁକ୍ରବାର ଜିଲାପାଳଙ୍କଠାରେ ଜଣାଇବା ସହିତ ଏହାର ଠିକ ତଦନ୍ତ ଦାବି କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଯେ, ଘଟଣାଦିନ ଉକ୍ତ ତିନି ଜଣ ଜାଳେଣି କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଉଥିଲେ। ଏହି ସମୟରେ ପୋଲିସ ଓ ବନ ବିଭାଗ କର୍ମଚାରୀ ବିନା କାରଣରେ ଗିରଫ କରିଛନ୍ତି। ଉକ୍ତ ତିନି ବ୍ୟକ୍ତି ବର୍ଷ ସାରା ଜଙ୍ଗଲ ବିଭାଗରେ ମଜୁରିଆ ଭାବରେ କାମ କରିଥାନ୍ତି ବୋଲି ପରିବାର ଲୋକ କହିଛନ୍ତି। ଏମାନଙ୍କୁ ଗଞ୍ଜେଇ ଚାଷ କରୁଥିବା ଓ ଡିନାମାଇଟ ଫୁଟାଇ ଥିବା ସନ୍ଦେହରେ ଗିରଫ କରାଯାଇଛି। ପୋଲିସ, ବନବିଭାଗ ଓ ଅବକାରୀ ବିଭାଗର ଅଧିକାରୀମାନେ ଠିକ ତଦନ୍ତ କରନ୍ତୁ ଏବଂ ଆଖପାଖର ଲୋକଙ୍କୁ ପଚାରି ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଜିଲାପାଳଙ୍କୁ ଜଣାଇବାକୁ ମମତା ସୁନା, କରିନା ଦୀପ ଓ କନକ ଉର୍ମା ଓ ତାଙ୍କ ପରିବାର ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ସଂକ୍ଷେପରେ

### ଏସ୍‌ଏଚ୍‌ଜିଙ୍କ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୨।୧୨(ଡି.ଏନ.ଏ.): ୨୦୨୦-୨୧ବର୍ଷ ଖରିଫ ଧାନ କିଣାରେ ନିୟୋଜିତ କୁଚିଣ୍ଡା ଓ ବାମରା ବ୍ଲକର ୮ଗୋଟି ମହିଳା ଏସ୍‌ଏଚ୍‌ଜିଙ୍କ କମିଶନ ବାବଦକୁ ସରକାର ମୋଟ ୫୫ଲକ୍ଷ ୨୨ହଜାର ୯୫୮ଟଙ୍କା ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି। ଦୀର୍ଘ ଦୁଇବର୍ଷ ଧରି ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ, ଜିଲାପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଯୋଗାଣ ସଚିବ, ମିଶନ ଶକ୍ତି ନିର୍ଦ୍ଦେଶିକା ପ୍ରମୁଖଙ୍କୁ ଏକାଧିକବାର ପତ୍ରାଳାପ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ଏସ୍‌ଏଚ୍‌ଜି ସଦସ୍ୟା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

୨୦୨୦-୨୧ରେ ସରକାର ଏହି ୮ଗୋଟି ଏସ୍‌ଏଚ୍‌ଜିଙ୍କୁ ଧାନକିଣା ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ଏସ୍‌ଏଚ୍‌ଜି ସଦସ୍ୟାମାନେ ବ୍ୟାଙ୍କରୁ ଋଣ ଆଣି ଧାନକିଣା ପାଇଁ ଆବଶ୍ୟକ ଜିନିଷ କିଣିଥିଲେ। ମାତ୍ର ସରକାର ଘୋଷଣା କରିଥିବା କମିଶନ ନ ଦେବାରୁ ସେମାନଙ୍କ ବ୍ୟାଙ୍କ ଋଣଭାର ବଢ଼ିବାରେ ଲାଗିଛି। ଆମ୍ ଆଦ୍‌ମୀ ପାର୍ଟିର ସହଯୋଗ କ୍ରମେ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳ ଅଫିସ ଆଗରେ ସଦସ୍ୟାମାନେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ। ପ୍ରକାଶଥାଉ କି ବାମରା ବ୍ଲକ କୁଟାରିମାଲର ଶକ୍ତି, ଜରାବଗାର ଦିବ୍ୟ ଭାରତୀ, କେଞ୍ଚୁପାଣୀର ବିଶ୍ୱ, ବେଲଗୁଣ୍ଡା ତାରିଣୀ, କୁଚିଣ୍ଡା ବ୍ଲକ କୁନ୍ତରାର ମା' ମଙ୍ଗଳା, ଟାଇଁସରର ମା' ମହାଲକ୍ଷ୍ମୀ, ରାଉତବାହାଲର ପୂଜା, ରେଙ୍ଗାଲିର ଶୋଭା ଏସ୍‌ଏଚ୍‌ଜିଙ୍କ କମିଶନ ପ୍ରାପ୍ୟ ବାକିଥିବା ଜଣାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ବିଭୂତି ଭୂଷଣ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଧାନକିଣା ପାଇଁ ଏସ୍‌ଏଚ୍‌ଜିଙ୍କୁ ଜିଲା ପ୍ରଶାସନ ନିଯୁକ୍ତି ଦେଇଥିଲା। ସେମାନଙ୍କ କମିଶନ କାହିଁକି ରିଲିଜ ହୋଇନି ଜିଲା ପ୍ରଶାସନ ସହ ଆଲୋଚନା କରିବାକୁ କହିଥିଲେ।

### ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ: ସିଏସି

ସମ୍ବଲପୁର,୨।୧୨(ବ୍ୟୁରୋ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗକୁ ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ବୈଠକ କରି କ୍ଷୋଭ ପ୍ରକାଶ କରିଛି। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ଉପରେ ଶୀଘ୍ର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଏହାସହ ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ସତ୍ୟପାଠ ଜରିଆରେ ଆବେଦନ କରନ୍ତୁ ବୋଲି କମିଟି କର୍ମକର୍ତ୍ତା ଦାବି କରିଛନ୍ତି। ସିଏସି ସମ୍ପାଦକ ବିଜିତେନ୍ଦ୍ରୀୟ ପ୍ରଧାନ, ସହଆବାହକ ପ୍ରମୋଦ କୁମାର ବହିଦାର, ଆବାହକ ଅଶୋକ କୁମାର ଦାଶ ସୂଚନା ଦେଇ କହିଛନ୍ତି, ୨୦୧୩ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଲୋକ ସଭାରେ ଆଇନ ପ୍ରଣୟନ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ କେନ୍ଦ୍ର ସରକାର ମଧ୍ୟ ଗ୍ରହଣ କରିସାରିଛନ୍ତି। ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବା ସହ ଓଡ଼ିଶା ହାଇକୋର୍ଟର ମତାମତ ରଖି ରିପୋର୍ଟ ଦେବାକୁ ଚିଠି କରିଥିଲେ। ଓଡ଼ିଶା ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ରାଜି ଥିବା କହି କେବଳ ଚିଠି ଆଦାନପ୍ରଦାନ କରିଚାଲିଛନ୍ତି। ଏହିସବୁ ତଥ୍ୟ ଦାଖଲ ନ କରି ନଭେମ୍ବର ୨୮ରେ ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ଏକତରଫା ଭାବେ ରିପୋର୍ଟ ଦାଖଲ କରିଥିଲେ। ଆଧୁନିକ ପ୍ରଯୁକ୍ତି, ବୈଷୟିକ ଜ୍ଞାନ କୌଶଳର ସୁବିଧା ଥିବାରୁ ରାଜ୍ୟରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନାହିଁ ବୋଲି ରିପୋର୍ଟ ଦାଖଲ କରିଥିଲେ। ଆଡଭୋକେଟ ଜେନେରାଲ ରାଜ୍ୟର ଆଇନଜୀବୀ ପରିଷଦର ଅଧକ୍ଷ ଦାୟିତ୍ୱରେ ରହିଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମତ ରଖିବା ବେଳେ ସେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ମତ ରଖିଛନ୍ତି।

### ଦୁର୍ଘଟଣାରେ ଭିନ୍ନକ୍ଷମ ମହିଳା ମୃତ

ବଡ଼ଗାଁ, ୨।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓ ତୁଡାଲଗା ଗ୍ରାମ ରାଜ୍ୟ ରାଜପଥ ସ୍ଥିତ ବସଷ୍ଟାଣ୍ଡରେ ଜଣେ ଜଟାଧାରୀ ଭିନ୍ନକ୍ଷମ ମହିଳା ଗତ ମାସ ୨୮ ତାରିଖ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ପୋଲିସ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଛତିଶଗଡ କିମ୍ବା ବିହାର ରାଜ୍ୟର ହୋଇଥିବା ଏହି ମହିଳା ପ୍ରାୟ ୨ ବର୍ଷ ହେଲା ବଡ଼ଗାଁ ଓ ତୁଡାଲଗା ବସଷ୍ଟାଣ୍ଡରେ ଘୁରିବୁଲୁଥିଲେ।

# ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

ସୁନ୍ଦରଗଡ଼, ୨।୧୨(ଡି.ଏନ୍.ଏ.)



ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଓ ଅନ୍ୟ ଅଧିକାରୀମାନେ ମଞ୍ଚାସୀନ।

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର ସୁନ୍ଦରଗଡ଼ ଗସ୍ତରେ ଆସି ଜିଲାରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଡକ୍ଟର ଦଳାଇ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ କାର୍ଯ୍ୟକ୍ରମ ସହିତ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ଓମ୍ୟାଡସି ପାଣ୍ଠିର ଆର୍ଥିକ ସହାୟତାରେ ଚାଲିଥିବା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଉଦ୍ୟାନ କୃଷି, ଜଳସେଚନ, ପାନୀୟଜଳ ଯୋଗାଣ ପ୍ରକଳ୍ପ, ମାଛ ଚାଷ, ଟସର ଚାଷ ଏବଂ ଜୀବିକା ଆଦି କ୍ଷେତ୍ର ସହିତ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରକଳ୍ପ କାମ ଶେଷ କରିବାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ସମସ୍ତ ସରକାରୀ ହାଇସ୍କୁଲର ରୂପାନ୍ତରଣ କରାଯାଉଛି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ସ୍କୁଲରେ ସ୍ମାର୍ଟ କ୍ଲାସରୁମ, ଆଧୁନିକ ବିଜ୍ଞାନାଗାର, ପାଠାଗାର ଏବଂ କମ୍ପ୍ୟୁଟର ଲ୍ୟାବ ଆଦି କରାଯାଉଛି। ତେଣୁ ଏହି ଆଧୁନିକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଉପରେ ଆୟୁକ୍ତ ଗୁରୁତ୍ୱ ଦେଇଥିଲେ।

**ସୁନ୍ଦରଗଡ଼ ଜିଲା**

ଏହି କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଯୁକ୍ତ କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସୁନ୍ଦରଗଡ଼ ଜିଲାର ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା କରାଯାଇଥିଲା। ଚାଷୀମାନଙ୍କ ଆୟ ଦୁଇ ଗୁଣ କରିବା ପାଇଁ ରାଜ୍ୟ ସରକାର ସମନ୍ୱିତ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେଣୁ ସୁନ୍ଦରଗଡ଼ ଜିଲାର ଚାଷୀମାନେ ଏହି ଯୋଜନାରୁ କିପରି ଲାଭ ପାଇପାରିବେ ତା' ଉପରେ ଧ୍ୟାନ ଦେବାକୁ ଆୟୁକ୍ତ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଓ ଅଭିମନ୍ୟୁ ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ପିଡି ଡ୍ରୁଡା ତଥା ଡିଏମ୍‌ଏଫ ସିଇଓ ରିତା ଡାଙ୍ଗ, ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥୀ ସରାବୁ, ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ ଏବଂ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ୫ରୁ ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଦେବଗଡ଼, ୨।୧୨(ଡି.ଏନ୍.ଏ)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଧାନପାଟ କ୍ଲବ ପକ୍ଷରୁ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୫ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରୁ ରାଜ୍ୟରୁ ୫ଟି ଦଳ ଏବଂ ରାଜ୍ୟ ବାହାରୁ ୩ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୭ତାରିଖ ପ୍ରଥମ ସେମିଫାଇନାଲ ଓ ୧୦ ତାରିଖ ଦ୍ୱିତୀୟ ସେମିଫାଇନାଲ ଏବଂ ୧୧ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ସ୍ଥାନୀୟ ଏକ ହୋଟେଲଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବର ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ ନାୟକ, କ୍ଲବର ସଦସ୍ୟ ବିକାଶ ଅଗ୍ରୱାଲ, ଅନନ୍ତ ମେହେର, ଅଲେଖ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କ୍ଲବର ସଦସ୍ୟ ଉପସ୍ଥିତ।

# ବଣାଇ ଜିଲା ଦାବିରେ ଲହୁଣୀପଡ଼ାରେ ବନ୍ଦ ପାଳନ

ଲହୁଣୀପଡ଼ା,୨।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର ବଣାଇ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ବଣାଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ୬ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ପ୍ରାୟ ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦେଇଥିବାରୁ ଲହୁଣୀପଡା ଅଞ୍ଚଳରେ ଦୋକାନ ବଜାର ମାଲିକମାନେ ସ୍ୱତଃପ୍ରବୃତ୍ତ ଭାବେ ନିଜର ଦୋକାନ ବଜାର ବ୍ୟବସାୟିକ ଅନୁଷ୍ଠାନକୁ ବନ୍ଦ କରିଦେଇ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି। ଏହା ସହିତ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରାଇଥିଲେ। ଲହୁଣୀପଡାକୁ ସଂଯୋଗ କରୁଥିବା ୧୪୩ ନମ୍ବର ଜାତୀୟ ରାଜପଥର ବାଇପାସ ଛକ ଏବଂ ୧୪୩ ନମ୍ବର ଜାତୀୟ ରାଜପଥ ସାଲେଇପାଲି ସ୍ଥିତ ଟୋଲଗେଟ ଠାରେ ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲଙ୍କ ନେତୃତ୍ୱରେ ଶହଶହ




ସାଲେଇପାଲି ସ୍ଥିତ ଟୋଲ୍‌ଗେଟ୍ ଠାରେ ରାସ୍ତାରୋକୋ କରାଯାଇଛି।

କର୍ମକର୍ତ୍ତା ଓ କର୍ମୀ ରାସ୍ତା ଅବରୋଧ କରିଥିଲେ। ଏହା ସହିତ ରାଜାମୁଣ୍ଡା ପାଣିକୋଇଲି ୨୧୫ ନମ୍ବର ଜାତୀୟ ରାଜପଥକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରି ଦେବାରୁ ହଜାର ହଜାର ସଂଖ୍ୟକ ଗାଡି ଅଟକି ରହିଥିଲା। ବିଭିନ୍ନ ସମୟରେ ଜିଲା ଦାବି ପାଇଁ ବିଭିନ୍ନ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଦାବି କରି ଆସୁଥିଲେ ମଧ୍ୟ ଦାବି ପୂରଣ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଦାବି ପୂରଣ ନ ହୁଏ, ତାହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଚେତାବନୀ ଦେଇଥିବା ଜଣାପଡିଛି। ବଣାଇଁ ଉପଖଣ୍ଡର ୪ଟି ବ୍ଲକ ବଣାଇ, ଲହୁଣୀପଡା, ଗୁରୁଣ୍ଡିଆ, କୋଇଡାକୁ ନେଇ ବଣାଇ ଉପଖଣ୍ଡ ଗଠିତ। କୋଇଡା ବ୍ଲକ ମାଲଦା ଠାରୁ ଜିଲା ମୁଖ୍ୟାଳୟର ଦୂରତା ପ୍ରାୟ ୨୭୫ କିଲୋମିଟର ଅନୁମାନ କରାଯାଉଥିବା ବେଳେ ଉକ୍ତ ଅଞ୍ଚଳର ଜନସାଧାରଣ କିମ୍ବା ସରକାରୀ ବେସରକାରୀ ଅନୁଷ୍ଠାନର ଅଧିକାରୀମାନେ ସୁନ୍ଦରଗଡରେ ରାତ୍ରି ଯାପନ କରି କାର୍ଯ୍ୟ କରିବାକୁ ବାଧ୍ୟ ହେଉଥିବାବେଳେ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ସରକାର ଜିଲାର ମାନ୍ୟତା ଯଥାଶୀଘ୍ର ପ୍ରଦାନ କରନ୍ତୁ। ନଚେତ ଆଗାମୀ ଦିନରେ ବଣାଇ ଜିଲା କ୍ରିୟାନୁଷ୍ଠାନ କମିଟି ତରଫରୁ ତଥା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅର୍ଥନୈତିକ ଅବରୋଧ କରିଯିବ ବୋଲି ଚେତାବନୀ ଦେଇଛନ୍ତି।

# ଦୁର୍ନୀତି ଅଭିଯୋଗରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୨।୧୨

ରାଉରକେଲା ସ୍ମାର୍ଟସିଟି ମିଶନ ପକ୍ଷରୁ ସହରରେ ଚାଲିଥିବା ରାସ୍ତା ନିର୍ମାଣ ଓ ପେଭର ବ୍ଲକ ବିଛା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ଏଭଳି ଅଭିଯୋଗ କରି କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ମାର୍ଟସିଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଦଳ ସ୍ମାର୍ଟସିଟି ମିଶନର ମହାପ୍ରବନ୍ଧକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହି ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ଆବଶ୍ୟକ ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ସ୍ମାର୍ଟସିଟି ମିଶନର କାର୍ଯ୍ୟକାଳ ସରିବାକୁ ଯାଉଥିବା ବେଳେ ଆସନ୍ତା ମାସରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ତରବରିଆ ଏହି ରାସ୍ତା ନିର୍ମାଣ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟ ଚାଲିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏସବୁ କାର୍ଯ୍ୟର ଆବଶ୍ୟକ ତଦାରଖ ହେଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ଉପଯୁକ୍ତ ମାନ ରକ୍ଷା କରାଯାଇପାରୁନାହିଁ। ସହରର ମୁଖ୍ୟ ମାର୍ଗ ମଙ୍ଗଳ ଭବନ ଛକଠାରେ ନିର୍ମିତ ରାସ୍ତାରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି। ନିମ୍ନମାନର ଓ ଅଧାପନ୍ତରିଆ କାମ ଦୁଇ ଚକିଆ ଆରୋହୀଙ୍କ ସମେତ ପଥଚାରୀଙ୍କୁ ସମସ୍ୟାରେ ପକାଉଛି। ଏଭଳି ସହରରେ ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟକୁ ଯଥାଶୀଘ୍ର ଠିକ୍ ଭାବେ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ତୁଳସୀ ନାଗ, ନିରୂପମା ବଳିୟାରସିଂ, ଲତା ନାୟକ, ଧର୍ମେନ୍ଦ୍ର ସିଂ, ଅମ୍ରିତ କୌର ପ୍ରମୁଖ ଉପସ୍ଥିତ ଥିଲେ।



ଶୁକ୍ରବାର କଂଗ୍ରେସ ପକ୍ଷରୁ ସ୍ମାର୍ଟସିଟି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶିଶୁ ହତ୍ୟା ଘଟଣାରେ ୨ ମହିଳାଙ୍କୁ ଆଜୀବନ ଜେଲ

ସୁନ୍ଦରଗଡ,୨।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ) ରାଜେଶ ଦାସ ଶୁକ୍ରବାର ଶିଶୁ ହତ୍ୟା ଘଟଣାରେ ଦୁଇ ମହିଳାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦଶ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଛ'ମାସ ଅଧିକ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ମହିଳା ଦୁଇ ଜଣ ହେଲେ ଧରୁଆଡିହି ଥାନା ଅନ୍ତର୍ଗତ ଘୁମୁ ଗ୍ରାମର ସନ୍ଧ୍ୟା ନାଗ ଓ ନବିନା ସା। ଏହି ଘଟଣାଟି ୨୦୧୯ ଅକ୍ଟୋବର ୧୯ରେ ଘଟିଥିଲା। ପ୍ରକାଶ ଯେ, ଅଭିଯୁକ୍ତ ଦୁଇଜଣଙ୍କୁ ଗ୍ରାମବାସୀ ଡାହାଣୀ ସନ୍ଦେହ କରିଥିଲେ। ସେ ସମୟରେ ଅଭିଯୋଗକାରୀ ଗ୍ରାମର ମୁଖିଆ ଥିଲେ। ସେଥିପାଇଁ ଅଭିଯୁକ୍ତମାନେ ରାଗରେ ଅଭିଯୋଗକାରୀଙ୍କ ନାତୁଣୀ ମହିମା ସା (୩)କୁ ହତ୍ୟା କରିଥିଲେ। ଏହି ମାମଲାକୁ ସରକାରଙ୍କୁ ତରଫରୁ ଅତିରିକ୍ତ ସରକାରୀ ଓକିଲ ପ୍ରଶାନ୍ତ କୁମାର ପଟେଲ ପରିଚାଳନା କରୁଥିଲେ।

### ଡାହାଣୀ କହି ମାଡ଼ ଅଭିଯୋଗ

ବଡ଼ଗାଁ, ୨।୧୨(ଡି.ଏନ୍.ଏ.)

ବଡ଼ଗାଁ ଥାନା ପାମରା ଗ୍ରାମର ଜଣେ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ଦୀନବନ୍ଧୁ ରାଉତଙ୍କ ସ୍ତ୍ରୀ ଶାନ୍ତି (୪୮)ଶୁକ୍ରବାର ଘରେ ଏକାକି ଥିଲାବେଳେ ସକାଳ ସାଢ଼େ ଆଠଟା ବେଳେ କିଶୋର ରାଉତ, ତାଙ୍କ ପୁଅ ଜଗନ୍ନାଥ (୨୬), ସ୍ତ୍ରୀ ଜୟନ୍ତୀ(୫୦) ଓ ଝିଅ ପିଙ୍କି (୩୨) ଘର ଭିତରେ ପଶିଥିଲେ। ଶାନ୍ତିଙ୍କୁ ଡାହାଣୀ କହି ବାଲଟି ଏବଂ ଲାଠିରେ ମାଡମାରି ଆହତ କରିଥିଲେ। ଏହାପରେ ସେମାନେ ତାଙ୍କ ସ୍ୱାମୀଙ୍କୁ ମାରିଦେବେ ବୋଲି ଚେତାବନୀ ଦେଇ ଚାଲିଯାଇଥିଲେ। ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ଦୁଇଜଣ ବ୍ୟକ୍ତି ହସ୍ତକ୍ଷେପ କରିବାରୁ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି।

# ଚୋରା କୋଇଲା ବୋଝେଇ ଗାଡ଼ି ସହ ୩ ଗିରଫ

ହେମଗିର,୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଘୁଘରପାଲିଠାରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକକୁ ଜବତ କରିଛି। ହେମଗିର ବ୍ଲକ ଘୋଗରପଲ୍ଲୀ ଗ୍ରାମରୁ ସିଜି ୧୩ ଏଲଏ ୫୨୭୬ନମ୍ବର ଥିବା ଟ୍ରେଲର ଯୋଗେ କୋଇଲା ଚୋରି କରୁଥିବା ବେଳେ ହେମଗିର ପୋଲିସ ଚଢ଼ାଉ କରିଥିଲା। ଛତିଶଗଡ ରାଜ୍ୟର ରାଇଗଡ ଜିଲାର ମହମ୍ମଦ ସାକିର(୨୮), ରାହୁଲ ନାମଦେବ(୨୭) ଓ ଘୁଘରପାଲି ଗ୍ରାମର ବିକାଶ ଖମାରି (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼, ୨।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କେନ୍ଦଇଜୁରୀ ପଞ୍ଚାୟତର କଟଙ୍ଗପାଣି ଗ୍ରାମର ବିଜୟ ପିଙ୍ଗ (୨୪) ଭାରତୀୟ ସେନାରୁ ସେବା ସମାପ୍ତ କରିବା ପରେ ଶୁକ୍ରବାର ନିଜ ଗ୍ରାମକୁ ଫେରିଛନ୍ତି। ତେବେ ସେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ବରଘାଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର, ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଭବ୍ୟ ସ୍ୱାଗତ ଜଣାଇଥିଲେ। କେନ୍ଦଇଜୁରୀ ଗ୍ରାମର ପ୍ରମୋଦ ସାହୁ, ନେଭିତ ସାହୁ, ସରିତ ସାହୁ, ଓମପ୍ରକାଶ ଚେଧୁରୀ, କଟଙ୍ଗପାଣି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ନେତ୍ରାନନ୍ଦ ପ୍ରଧାନ, ପ୍ରଦୀପ କିଷାନ, ବାସୁ କିଷାନ, ଗୌତମ କିଷାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାମଣ୍ଡା ବିଜୟୀ



ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅତିଥିଙ୍କ ସହ ଖେଳାଳି।

ଦେବଗଡ଼, ୨।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ମ୍ୟାଚରେ ବୁଢ଼ାପାଳ ଫ୍ରେଣ୍ଡସ କ୍ଲବକୁ ୯୬ ରନ୍‌ରେ ହରାଇ ବାମଣ୍ଡା କ୍ରିକେଟ କ୍ଲବ ବିଜୟୀ ହୋଇଛି। ବାମଣ୍ଡା କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୩୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୪୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ ମଲ୍ଲିକ ୫୫, ସିଦ୍ଧାର୍ଥ ନାୟକ ୩୪ ଓ ସୌମ୍ୟରଞ୍ଜନ ପାଣ୍ଡିଆ ୩୩ ରନ୍ କରିଥିଲେ। ବୁଢ଼ାପାଳ ଦଳର ରିତେଶ ସାମଲ, ସାଇରାଜ ପ୍ରଧାନ ୩ଟି ଓ ଓମରାଜ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ପରେ ଫ୍ରେଣ୍ଡସ କ୍ଲବ ବୁଢ଼ାପାଳ ଦଳ ବ୍ୟାଟିଂ ଆରମ୍ଭ କରି ୩୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ରିପନ ସାହୁ ୨୯, ଓମରାଜ ପ୍ରଧାନ ଓ ସୁମନ ପ୍ରଧାନ ୨୦ ରନ କରିଥିବାବେଳେ ବାମଣ୍ଡା ଦଳର ହ୍ରିତିକ ଦେହୁରୀ, ଆଶିଷ ମଲ୍ଲିକ, ସ୍ୱାଧୀନ ପାତ୍ର ଓ ଶିଭମ ମୋଦି ୨ଟି ଉଇକେଟ ନେଇଥିଲେ। ମ୍ୟାଚରେ ସଞ୍ଜୟ କୁମାର ନାୟକ ଓ ଦିଲୁ ଦସଭାୟା ଅମ୍ପାୟାର ରହିଥିବା ବେଳେ ସ୍କୋରର ଭାବେ ରମି ନାୟକ ଓ ରିତିକ ଦେହୁରୀ କାର୍ଯ୍ୟ ତୁଲାଇଥିଲେ।

# ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ କର୍ମଶାଳା ଶୁଭାରମ୍ଭ

ଦେବଗଡ଼, ୨।୧୨(ଡି.ଏନ୍.ଏ.)

ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ ତିନିଦିନିଆ କର୍ମଶାଳା ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। କର୍ମଶାଳାରେ ଦେବଗଡ଼ ଓ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍ସ କଲ୍‌ଚରାଲ ସେଣ୍ଟର୍ (ପିକକ)ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହା ଜଣାଇଛନ୍ତି। ୟୁନିସେଫ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ 'ଧରିତ୍ରୀ'ର ସହଯୋଗରେ ପିକକ ସଙ୍ଗଠନ ଆନୁକୂଲ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି। କର୍ମଶାଳାରେ ଛାତ୍ରୀଛାତ୍ର ଶିଶୁ ଅଧିକାର ସମ୍ପର୍କରେ ଜାଣିବା ସହ ଜଣେ ସାମ୍ବାଦିକ ନିଜ ଚତୁଃପାର୍ଶ୍ୱକୁ ପ୍ରଭାବିତ କରୁଥିବା ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବା ଓ ଜଣାଇବାର ତାଲିମ ପାଇବେ ବୋଲି ୟୁନିସେଫ୍‌ର କମ୍ୟୁନିକେଶନ କନ୍‌ସଲଟାଣ୍ଟ ଶାରଦା




ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଲାହାଙ୍ଗିର ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ନିଜ ଭିତରର ସମ୍ଭାବନାକୁ ନେତୃତ୍ୱ ଦେଇ କିପରି ବିନା ଭୟ ଓ ସଙ୍କୋଚରେ ନିଜକୁ ବ୍ୟକ୍ତ କରିପାରିବେ ସେ ସମ୍ପର୍କରେ ମଧ୍ୟ ଏହି ଛାତ୍ରୀଛାତ୍ର ଦକ୍ଷତାର ତାଲିମ ପାଇବେ। ଲେଖିବାର ଶୈଳୀ, ସାମ୍ବାଦିକତାର ଧାରା, ପ୍ରଶ୍ନ ପଚାରିବାର ପ୍ରକ୍ରିୟା ସମ୍ପର୍କରେ ତାଲିମ ପାଇ ଜଣେ ସାମ୍ବାଦିକ ଭଳି ମତାମତକୁ ପ୍ରକାଶ କରିପାରିବାର ଦକ୍ଷତା ହାସଲ କରିବେ ବୋଲି ମହାନ୍ତି କହିଛନ୍ତି। ଏହି କର୍ମଶାଳାକୁ ଦେବଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିଶୁ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଏହି ଶିବିରରେ ତାଲିମ ପାଉଥିବା ଛାତ୍ରୀଛାତ୍ରଙ୍କ ଲେଖାକୁ ନେଇ ଆସନ୍ତା ଦିନରେ ଏକ ମାସିକ ପତ୍ରିକା ପ୍ରକାଶ କରିବାର ଯୋଜନା ଥିବା ଜଣାଇଛନ୍ତି। ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପିକକର କର୍ମକର୍ତ୍ତା ସମର ଦାସ ଓ ପ୍ରେମାନନ୍ଦ ମାଝିଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପିକକର କୋଷାଧ୍ୟକ୍ଷ ରତ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ମନୋରମା


@ ଯୁଧିଷ୍ଠିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରେମିକାଙ୍କୁ ଗୁଳିକରି ହତ୍ୟା ପରେ ପୋଡ଼ିଥିଲେ ପ୍ରେମିକ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ରାଜୁ ସଂରକ୍ଷିତ ଜଙ୍ଗଲ ଭିତର ତୁରେକେଲା-ଲାଠୋର ପିଡବ୍ଲୁଡି ରାସ୍ତା କଡରେ ପଡିଥିବା ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଘଟଣା (ମାମଲା ୨୩୪/୨୨) ଉପରୁ ପୋଲିସ ପର୍ଦ୍ଦା ହଟାଇବାକୁ ସକ୍ଷମ ହୋଇଛନ୍ତି। ପ୍ରେମ ସମ୍ପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଛତିଶଗଡ ରାୟପୁର ନିବାସୀ ସଚିନ ଅଗ୍ରୱାଲ (୩୦) ନିଜ ପ୍ରେମିକା ତନୁ କୁରି (୨୬)ଙ୍କୁ ଗୁଳି କରି ହତ୍ୟା କରିବା ପରେ

**ଜଙ୍ଗଲରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ**

- ହତ୍ୟାକାରୀ ସଚିନ ଅଗ୍ରୱାଲ, ସହଯୋଗୀ ସୁରଜ ଅଗ୍ରୱାଲ ଗିରଫ
- ପିସ୍ତଲ ସହ ଅଫୁଟା ଗୁଳି ଜବତ

ବଲାଙ୍ଗୀର ଜିଲା ରାଜୁ ସଂରକ୍ଷିତ ଜଙ୍ଗଲରେ ମୃତଦେହକୁ ପୋଡି ଦେଇଥିବା ଶୁକ୍ରବାର କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମରାଣ୍ଡି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ୨୪ ତାରିଖ ଦିନ ତୁରେକେଲା-ଲାଠୋର ରାସ୍ତାକଡରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ନେଇ ତୁରେକେଲା ପୋଲିସକୁ ଖବର ମିଳିଥିଲା। ତଦନ୍ତ ପରେ ମୃତଦେହ ରାୟପୁର ନିବାସୀ ମନମୋହନ କୁରିଙ୍କ ଝିଅ ତନୁ କୁରି (୨୬) ବୋଲି ଚିହ୍ନଟ କରାଯାଇଥିଲା। ଏହାପରେ ଛତିଶଗଡ ପୋଲିସ ସହାୟତାରେ ମାମଲାଟିର ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡିଥିଲା ଯେ, ରାୟପୁର ନିବାସୀ ସଚିନ ଅଗ୍ରୱାଲ ଓ ତନୁ ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଗତ ୨୧ ତାରିଖ ଦିନ ଉଭୟ ସଚିନ ଓ ତନୁ ଏକ କାରରେ ରାୟପୁରରୁ ମହାସମୁଦ ଯିବାକୁ ବାହାରିଥିଲେ। କିଛି ଦୂର ଯିବା ପରେ ସେମାନେ ଓଡିଶା ଯିବାକୁ ସ୍ଥିର କରିଥିଲେ। ବାଟରେ ଯାଉଥିବା ବେଳେ ବଙ୍ଗୋମୁଣ୍ଡା ନିକଟରେ ଉଭୟ ସଚିନ ଓ ତନୁଙ୍କ ମଧ୍ୟରେ ସେମାନଙ୍କ ସମ୍ପର୍କକୁ ନେଇ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଚିନ ତାଙ୍କ ପାଖରେ ଥିବା ପିସ୍ତଲରେ ତନୁଙ୍କୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟା କରିବା ପରେ ମୃତଦେହକୁ କୌଣସି ସ୍ଥାନରେ ଲୁଚାଇବାକୁ ଯାଇ ରାଜୁ ସଂରକ୍ଷିତ ଜଙ୍ଗଲକୁ ଯାଇ ମୃତଦେହ ଉପରେ ପେଟ୍ରୋଲ ଢ଼ାଳି ତାଙ୍କୁ ପୋଡି ଦେଇଥିଲେ। ଏହାପରେ ସେଠାରୁ କଣ୍ଟାବାଞ୍ଜି ଯାଇ ସୁରଜ ଅଗ୍ରୱାଲଙ୍କ ଘରେ ହତ୍ୟା କରିଥିବା ପିସ୍ତଲ, ୬ଟି ଅଫୁଟା ଗୁଳି ରଖିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ତଦନ୍ତକାରୀ ପୋଲିସ ଟିମ୍ ରାୟପୁରରୁ ସଚିନକୁ ଗିରଫ କରିବା ସହ ତାଙ୍କ ସହଯୋଗୀ ସୁରଜଙ୍କୁ କଣ୍ଟାବାଞ୍ଜିରୁ ଗିରଫ କରି ତାଙ୍କ ଘରୁ ହତ୍ୟାରେ ବ୍ୟବହୃତ ପିସ୍ତଲ ଓ ୬ ଗୁଳି ଜବତ କରିଥିଲେ। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଚାଲିଛି ବୋଲି ଏସଡିପିଓ ମରାଣ୍ଡି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏହି ମାମଲା ତଦନ୍ତ କରିଥିବା ତୁରେକେଲା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି ଓ ବଲାଙ୍ଗୀର ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର କିରଣ କୁମାର ଜାନୀ ଉପସ୍ଥିତ ଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ନେଇ ପ୍ରଶିକ୍ଷଣ ଶିବିର

**ଭବାନୀପାଟଣା,୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଜିଲା ପ୍ରଶାସନ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ଓଡିଶା ନିରନ୍ତର ବିକାଶ ଲକ୍ଷ ନେଇ ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ, ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ସହନିର୍ଦ୍ଦେଶିକା ଅଳକା ଜେନା, ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାପାଳ ରେଡ୍ଡୀ ଜିଲାର ନିରନ୍ତର ବିକାଶ ଲକ୍ଷ୍ୟରେ ୨୦୩୦ କାର୍ଯ୍ୟ ସୂଚିର ସଫଳ ରୂପାୟନ ପାଇଁ ଜିଲାସ୍ତରୀୟ ସମସ୍ତ ଅଧିକାରୀଙ୍କ ଭାଗୀଦାରୀ ଏକାନ୍ତ ଆବଶ୍ୟକ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ ନିରନ୍ତର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଏକାଭିମୁଖୀ ହେବା ଓ ସମସ୍ତ ଗ୍ରାମପଞ୍ଚାୟତର ସାମୁହିକ ବିକାଶର ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ। ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅବସରପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଏନଜିଓ କର୍ମକର୍ତ୍ତା, ଏସ ପରାମର୍ଶଦାତା ଡା. ରମେଶ ଚାଲାନ, ଏସ. କୋଷ କାର୍ଯ୍ୟକ୍ରମ ପରିଚାଳକ, ଭେଙ୍କଟେସ, ଗ୍ରାମ ବିକାଶ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଭଟଙ୍କ ସମେତ ଜିଲାର ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ।





















## ସୁବଳୟା ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ

ଅମରପାଲି,(ଡି.ଏନ.ଏ.): ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ନବାଗତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଅଧକ୍ଷ ବଳଦେବ ପୂଝାରୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟରେ ଚଳିତବର୍ଷ ପ୍ରଥମକରି ନାମ ଲେଖାଇ ଥିବା ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟର ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ । ଅଧାପକ ସୁଧାଂଶୁ ଶେଖର ପ୍ରଧାନ, ବୀଣାପାଣି ଦାସ, ସୟଦ ତଫିସୁର ରହେମାନ, ହଜାରି ମେହେର ନବାଗତମାନେ ସଂଯମତାର ସହିତ ଭବିଷ୍ୟତ ଗଡିବାକୁ ପରାମର୍ଶ ଦେଇଥିଲେ ।

# ମାଟିଆପାଲି ଗ୍ରାମବାସୀଙ୍କ ଧାରଣା ତୃତୀୟ ଦିନରେ

ସୋନପୁର,୨।୧୨(ନି.ପ୍ର.)

ସରକାରୀ ଜମିର ସୁରକ୍ଷା କରିବା ପ୍ରଶାସନର ଦାୟିତ୍ୱ। କିନ୍ତୁ ପ୍ରଶାସନ ଏହି କାର୍ଯ୍ୟ କରୁନାହିଁ। ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ମାଟିଆପାଲି ଗ୍ରାମବାସୀ ୨୦୧୮ ମସିହାରୁ ଦାବି କରି ଆସୁଛନ୍ତି। ପ୍ରତିବାଦରେ ଗ୍ରାମବାସୀ ବୁଧବାର ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଗଣଧାରଣାରେ ବସିଛନ୍ତି। ୧୦ ଜଣ ମହିଳା ଓ ପୁରୁଷ ଅନଶନ କରୁଥିବା ବେଳେ ଏହି ଆନ୍ଦୋଳନକୁ ସମର୍ଥନ କରି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପିଲା ଛୁଆଙ୍କୁ ଧରି ଗଣଧାରଣାରେ



ଗ୍ରାମବାସୀ ପିଲାଛୁଆଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ସାମିଲ ହୋଇଛନ୍ତି। ମାତ୍ର ଜିଲା ପ୍ରଶାସନ ଆନ୍ଦୋଳନକାରୀଙ୍କ ସହିତ ଏ ପର୍ଯ୍ୟନ୍ତ ଆଲୋଚନା କରି ନ ଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ କିଛି ମୁଷ୍ଟିମେୟ ଲୋକ ୫ ଏକରରୁ ଉର୍ଦ୍ଧ୍ୱ ଗୋଚର ଜମିକୁ ଜବରଦଖଲ କରି ରଖିଛନ୍ତି । ଗାଇ ଗୋରୁ ଚରିବାକୁ ଜାଗା ନାହିଁ, ଗାଁର ପିଲା ଖେଳିବାକୁ ପଡିଆ ପାଉ ନାହାନ୍ତି। ତେଣୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଉକ୍ତ ଜମିକୁ ମାଟିଆପାଲି ନୋଡାଲ ୟୁପି ସ୍କୁଲ ନାମରେ ନାମିତ କରିବାକୁ ସେମାନେ ଦାବି କରି ଆସୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ପକ୍କା

### ଅନଶନରେ ବସିଛନ୍ତି ୧୦ ମହିଳା, ପୁରୁଷ

ଘର ଯୋଗାଇ ଦିଆଯିବା, ଗାଁ ରାସ୍ତାକୁ ପକ୍କା କରିବା, ୟୁପି ସ୍କୁଲର ଉନ୍ନତି ଓ ମାଟିଆପାଲି କେନ୍ଦୁପତ୍ର ଗୋଦାମର ଉନ୍ନତୀକରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗତ ୨୨ ତାରିଖରେ ଏ ସମ୍ପର୍କିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନଶନରେ ବସିବାକୁ ବାଧ ହେଲୁ ବୋଲି ଛକୋରମାଲ ପଞ୍ଚାୟତର ସମିତି ସଭ୍ୟ ମେନକା ଷାଣ୍ଢ, ମାଟିଆପାଲି ୱାର୍ଡ ସଭ୍ୟ ହିରଣ୍ୟ ବାଗ, ସୁରଭ କଲତା, ସବିତା ତାଣ୍ଡି, ସବ୍ୟରାଣୀ ଧରୁଆ, ଛୁଆନାରୀ ବିଶି, ବ୍ରଜେଶ୍ୱରୀ ଘିବେଲା, ଦେବକୀ ଦାନକ, ବନିତା ବିଶି ଓ ଘାସିରାମ ଦନ୍ତା ପ୍ରମୁଖ କହିଛନ୍ତି। ସୁବର୍ଣ୍ଣପୁର ଜିଲା ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି। ସରକାରୀ ଜମି ଜବରଦଖଲ ମୁକ୍ତ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ସରକାରୀ ଜମି ଜବରଦଖଲ କରିଥିବା ଗ୍ରାମର ୧୫ ଜଣଙ୍କୁ ନୋଟିସ କରାଯାଇଥିବା ସୋନପୁର ତହସିଲଦାର ନବୀନ କିଶୋର ପାଢୀ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମନୋରମା



@ ଯୁଧିଷ୍ଠିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେବକୀଙ୍କ ଅଷ୍ଟମ ଗର୍ଭରେ କୃଷ୍ଣ ଜନ୍ମ ,ପୁତନା ବଧ ପରିବେଷଣ

ଅମରପାଲି,୨।୧୨(ଡି.ଏନ.ଏ.)

### ବୀରମହାରାଜପୁର ଧନୁଯାତ୍ରାର ଦ୍ୱିତୀୟ ରଜନୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ରଜନୀ। ଏହି ଅବସରରେ ମହାରାଜା କଂସଙ୍କ ଦରବାରରେ ପ୍ରଥମ ପର୍ଯ୍ୟାୟରେ ପୂର୍ବତନ ସମ୍ବଲପୁର ଲୋକସଭା ଏମ୍‌ପି ଭବାନୀ ଶଙ୍କର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମହାରାଜଙ୍କ ଆଦେଶ କ୍ରମେ ଆୟୋଜକ କମିଟି ସଭାପତି କିଶୋର ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରବୀନ୍ଦ୍ର ହୋତା,ଯୁଗଳ କିଶୋର ମିଶ୍ର ଓ ଶେଷଦେବ ବାରିକ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ନାଟ୍ୟାଭିକ୍ରମରେ ମୁକ୍ତାକାଶ ରଙ୍ଗମଞ୍ଚରେ ଲୀଳା ନାଟକ ପରିବେଷଣ ହୋଇଥିଲା। ଏହାସହିତ ମଥୁରା ନଗରୀରେ କଂସ ଦରବାରରେ ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଦେବକୀଙ୍କ ଅଷ୍ଟମ ଗର୍ଭରେ କୃଷ୍ଣ ଜନ୍ମ ଅଭିନୀତ ହୋଇଥିଲା। ନନ୍ଦ ଉତ୍ସବ ଓ ପୁତନା ବଧ ମଧ ମଞ୍ଚସ୍ଥ ହୋଇଥିଲା। ମହାରାଜା କଂସ ପାତ୍ର ମନ୍ତ୍ରୀଙ୍କ ସହ ଶୋଭାଯାତ୍ରାରେ ଦରବାରକୁ ଆସିବା ଦୃଶ୍ୟ ମନୋରମ ଥିଲା। ବରଗଡ ଜିଲା ଟିଟିଣ୍ଡାର କଳାକାର ଝସକେତନ ପଧାନ ଏଥିରେ କଂସ ଭୂମିକାରେ ନିଖୁଣ ଅଭିନୟ କରିଥିଲେ। ଯାତ୍ରା ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।





















# ଅଭିଯୋଗ ଶୁଣାଣିକୁ ଗ୍ରାମବାସୀଙ୍କ ବିରୋଧ

ଝାରସୁଗୁଡା ଅଫିସ୍, ୨।୧୨

ଝାରସୁଗୁଡା ଜିଲା ତରେଇକେଲା ନିକଟରେ ହେବାକୁ ଥିବା ଏନ୍ଏଲ୍ସିଆଇଏଲ୍ କମ୍ପାନୀର ୨୪ଶହ ମେଗାୱାଟ୍ ବିଶିଷ୍ଟ ତାପଜ ବିଦ୍ୟୁତ ପ୍ରକଳ୍ପ ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏହା ସତ୍ତ୍ୱେ ଜିଲା ପ୍ରଶାସନ ତରଫରୁ ପୂର୍ବ ସୂଚନା ମୁତାବକ ତରେଇକେଲା ମୌଜା ଗରିଆଡିହି ଗ୍ରାମ ଫୁଟବଲ୍ ପଡିଆରେ ଶୁକ୍ରବାର ପୁନର୍ବାସ ଓ ଥଇଥାନ ଯୋଜନାର ନିର୍ଦ୍ଧାରଣ ନିମନ୍ତେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଜିଲା ଆର୍ଆଣ୍ଡ୍ଆର୍ ଅଧିକାରୀ ଆଲୋମଣି ସେଠୀ, ତହସିଲଦାର ବସନ୍ତ କୁମାର ହାତୀ ଓ କମ୍ପାନୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରିଣୀ ସୂଚନା ପ୍ରଦାନ କରିବାପରେ ଉପସ୍ଥିତ ଗ୍ରାମବାସୀ ପ୍ରକଳ୍ପକୁ ବିରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ, ଜିଲାରେ କଳକାରଖାନା ଗଢିଉଠୁଥିଲେ ମଧ୍ୟ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଅଣଦେଖା କରାଯାଇ ବାହାର ଲୋକଙ୍କୁ ଅଗ୍ରାଧିକାର ଦିଆଯାଉଛି। ତେଣୁ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଦିଆଯିବନାହିଁ। ଫଳରେ ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି ଫଳପ୍ରଦ ହୋଇ ନ ଥିଲା। ଅଭିଯୋଗ ଶୁଣାଣିରେ ତରେଇକେଲା, ଗରିଆଡିହି ଓ କୁମ୍ଭାରୀ ଗ୍ରାମର ଶତାଧିକ ମହିଳାପୁରୁଷ ଯୋଗଦେଇଥିଲେ ।


ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଶୁଣାଣିକୁ ବିରୋଧ କରୁଛନ୍ତି।

## ଦିଲ୍ଲୀ ଗସ୍ତ କରିବ ପଶ୍ଚିମାଞ୍ଚଳ ଏକତା ମଞ୍ଚ

ସମ୍ବଲପୁର, ୨।୧୨(ବ୍ୟୁରୋ)

ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବିନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରିବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରତିନିଧି ଦଳରେ କାର୍ଯ୍ୟକ୍ରମ ସଂଯୋଜକ ଡ଼. ପ୍ରମୋଦ କୁମାର ରଥ, ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା ରହିଛନ୍ତି। ଡିସେମ୍ବର ୬ରେ ନୂଆଦିଲ୍ଲୀ ଯନ୍ତରମନ୍ତର ଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମଧ୍ୟ ମଞ୍ଚ ସାମିଲ ରହିବ।

# ଘରର କ୍ଷତିପୂରଣ ଦାବିକଲେ ବିସ୍ଥାପିତ

ସମ୍ବଲପୁର, ୨।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଭୁଲିଆଡିହି (ଖଲିଆପାଲି) ଗ୍ରାମର ବିସ୍ଥାପିତମାନେ ଶୁକ୍ରବାର ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇଛନ୍ତି। ଜେଏସ୍ଡବ୍ଲ୍ୟୁ ବିପିଏସ୍ଏଲ୍ ଅଧିଗ୍ରହଣ କରିଥିବା ଘରଗୁଡ଼ିକର ଶୀଘ୍ର କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ୨୦୦୯ରେ ଅଧିଗ୍ରହଣ ପରେ ୨୦୧୨ରେ ସର୍ଭେ କରି ନୋଟିସ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଗଲାନାହିଁ। ପଦକ୍ଷେପ ନିଆ ନ ଗଲେ ଆସନ୍ତା ୯ ତାରିଖଠାରୁ କମ୍ପାନୀର ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ। ଲଳିତ କୁମାର ରୋହଦାସ, ଭବାନୀ ଶଙ୍କର ମେହେର, ବଳରାମ ପ୍ରଧାନ, ଶିବାନୀ ମାର୍କଣ୍ଡିଆ, ସୀମା ପୁରୁଆ, ପୂର୍ଣ୍ଣିମା ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଉପରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବିସ୍ଥାପିତମାନେ ନିଶ୍ଚିତ ଭାବେ କ୍ଷତିପୂରଣ ପାଇବେ। କାଗଜପତ୍ର ପ୍ରସ୍ତୁତ କରାଯାଉଛି, ଯଥାଶୀଘ୍ର ଘରର ଟଙ୍କା ଦିଆଯିବ।

# ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

ସମ୍ବଲପୁର, ୨।୧୨(ବ୍ୟୁରୋ)

ଯୁଯୁମୁରା ବ୍ଲକର ଆଦିବାସୀ ବହୁଳ କେଶାପାଲି ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମର ଦୀପକ ବିଶ୍ୱାଳ ଓ ଅନ୍ୟମାନେ ଯୁଯୁମୁରା ବିଇଓ ଉଜାଗର ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ କ୍ରମେ କେଶାପାଲି ହାଇସ୍କୁଲରେ ୨୭୨ ଛାତ୍ରୀଛାତ୍ର ପଢୁଥିବାବେଳେ ସେହି ଅନୁପାତରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ରହିଛନ୍ତି। ୩ଜଣ ଶିକ୍ଷକ ନିଯୁକ୍ତି ଦେବା ନିହାତି ଆବଶ୍ୟକ। ଏହାସହ ଜଣେ କିରାଣି, ଜଣେ ପିଅନ ପଦ ମଧ୍ୟ ଖାଲି ରହିଛି। ତେଣୁ ଶୀଘ୍ର ଖାଲି ପଦରେ ନିଯୁକ୍ତି କରାଯାଉ ବୋଲି ଦାବି କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ମନୋରମା


@ ଯୁଧିଷ୍ଠିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





















